ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 12 | 24 - 30 March 2024 | Sambalpur | Page- 8 | Invitation Price Rs.10

# ରାଜନୈତିକ ଦଳମାନଙ୍କୁ ଅର୍ଦ୍ଧାଧିକ ଚାନ୍ଦା ଦେଇଛନ୍ତି ୧୦ କମ୍ପାନି

ନୂଆଦିଲ୍ଲୀ : ଇଲେକ୍ଟୋରାଲ ବଣ୍ଡ୍ ବାବଦ ସମ୍ପୂର୍ଣ୍ଣ ତଥ୍ୟ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିର୍ବାଚନ କମିଶନଙ୍କୁ ଦେବା ପରେ କମିଶନ ତାହାକୁ ନିଜ ୱେବସାଇଟରେ ସାର୍ବଜନୀନ କରିଥିଲେ। ଏଥିରେ ବଣ୍ଡ୍ ଆଲ୍‌ଫା ନ୍ୟୁମେରିକ୍ ନମ୍ବର ରହିଛି, ଯାହାଦ୍ୱାରା କେଉଁ କମ୍ପାନି ।ବ୍ୟକ୍ତି କେଉଁ ଦଳକୁ କେତେ ଟଙ୍କାର ଚାନ୍ଦା ଦେଇଛନ୍ତି ତାହା ଜଣା ପଡ଼ିଛି।

ଡାଟା ଅନୁସାରେ, ପ୍ରମୁଖ ୩ ରାଜନୈତିକ ଦଳ ବିଜେପି, କଂଗ୍ରେସ ଏବଂ ଟିଏମ୍‌କୁ ମିଳିଥିବା ଚାନ୍ଦାରୁ ଅର୍ଦ୍ଧାଧିକ ଟଙ୍କା ୧୦ କମ୍ପାନି ଦେଇଛନ୍ତି। ବିଜେପି, କଂଗ୍ରେସକୁ ସବୁଠୁ ଅଧିକ ଚାନ୍ଦା ହାଇଦ୍ରାବାଦର ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରା କମ୍ପାନି ଏବଂ ଏହାର ଶାଖା କମ୍ପାନି ୱେଷ୍ଟର୍ଣ୍ଣ ୟୁପି ପାୱାର ଦେଇଛି। ମେଘା ଇଞ୍ଜିନିୟରିଂ ଏବଂ ଏହାର ଶାଖା କମ୍ପାନୀରୁ ବିଜେପିକୁ ୬୬୪ କୋଟି ଏବଂ କଂଗ୍ରେସକୁ ୧୨୮ କୋଟି ଟଙ୍କା ଚାନ୍ଦା ମିଳିଛି। ଅନେକ ଇନ୍‌ଫ୍ରାଷ୍ଟ୍ରକଚର କଣ୍ଟ୍ରାକ୍ଟ ହାତେଇବାରେ ସଫଳ ହେବାରେ ହାଇଦ୍ରାବାଦ ସ୍ଥିତ ମେଘା ଇଞ୍ଜିନିୟରିଂ ଜଣାଶୁଣା। ଏହି କମ୍ପାନି କେସିଆର୍‌ଙ୍କ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)କୁ ୩୯୦ କୋଟି ଟଙ୍କା ଚାନ୍ଦା ଦେଇଛି। କଂଗ୍ରେସକୁ ଦ୍ୱିତୀୟ ସର୍ବାଧିକ ଚାନ୍ଦା ୧୦୪ କୋଟି ଟଙ୍କା ଦେଇଛି ବେଦାନ୍ତ ଗ୍ରୁପ୍। ତୃଣମୂଳ କଂଗ୍ରେସ (ଟିଏମ୍)କୁ ଫ୍ୟୁଚର ଗେମିଂ ଆଣ୍ଡ ହୋଟେଲ ସର୍ବାଧିକ ୫୪୨ କୋଟି ଟଙ୍କା ଚାନ୍ଦା ଦେଇଛି। ଇଲେକ୍ଟୋରାଲ ବଣ୍ଡ୍‌ରୁ ବିଜେପିକୁ ସର୍ବାଧିକ ୬୦୬୦ କୋଟି ଟଙ୍କା ଚାନ୍ଦା ମିଳିଛି। ଏଥିରୁ ୨,୨୮୮ କୋଟି ଟଙ୍କା ପ୍ରମୁଖ ୧୦ କମ୍ପାନିରୁ ମିଳିଛି। କଂଗ୍ରେସକୁ ୧,୪୨୧ କୋଟି ଟଙ୍କା ଚାନ୍ଦା ମିଳିଥିବାବେଳେ ସେଥିରୁ ୬୧୫ କୋଟି ଟଙ୍କା ୧୦ କମ୍ପାନିରୁ ଆସିଛି। ଟିଏମ୍‌ସିକୁ ମୋଟ ୧,୬୦୨ କୋଟି ଟଙ୍କା ଚାନ୍ଦା ମିଳିଥିବାବେଳେ ସେଥିରୁ ଶୀର୍ଷ ୧୦ କମ୍ପାନି ଏହି ଦଳକୁ ୧,୧୬୦ କୋଟି ଟଙ୍କା ଦେଇଛନ୍ତି। ବେଦାନ୍ତ କମ୍ପାନି ବିଜେପି, କଂଗ୍ରେସ, ବିଜେଡି ଏବଂ ଟିଏମ୍‌କୁ ନିର୍ବାଚନୀ ବଣ୍ଡ ମାଧ୍ୟମରେ ଚାନ୍ଦା ଦେଇଛି। ସେହିପରି ଏୟାରଟେଲ କମ୍ପାନି ବିଜେପି, ଆରଜେଡି, କଂଗ୍ରେସ, ଟିଏମ୍‌କୁ, ମୁଥୁଟ କମ୍ପାନି ବିଜେପି ଓ ଏନ୍‌ସିପିକୁ, ବଜାଜ ଗ୍ରୁପ ବିଜେପି ଓ ଆପକୁ, କେଭେଣ୍ଟର ବିଜେପି ଓ କଂଗ୍ରେସକୁ, ଆପୋଲୋ ଟାୟାର କଂଗ୍ରେସକୁ, ବିଜେପି ଓ ଟିଏମ୍‌ସିକୁ ଇଲେକ୍ଟୋରାଲ ବଣ୍ଡ ଆକାରରେ ଚାନ୍ଦା ଦେଇଛି। ପିରାମଲ କ୍ୟାପିଟାଲ - ସନ୍ ଫାର୍ମା ବିଜେପିକୁ, ନାଟ୍ ଫାର୍ମା ବିଜେପି, ଟିଡିପି, ଟିଏମ୍‌ସି ଓ ବିଆର୍‌ଏସ୍‌କୁ ଏବଂ ଟୋରେଣ୍ଟ ଫାର୍ମା ବିଜେପି, ଆପ୍ ଓ କଂଗ୍ରେସକୁ ଚାନ୍ଦା ଦେଇଛି। କ୍ଲିକ୍ ସପ୍ଲାଏ ବିଜେପିକୁ ୩୯୫ କୋଟି ଦେଇଥିବାବେଳେ ଫ୍ୟୁଚର ଗେମିଂ କୋଟି ଟଙ୍କା ଚାନ୍ଦା ଦେଇଛି। ୩ କମ୍ପାନି କେଭେଣ୍ଟର୍ସ ଫୁଡ୍ ପାର୍କ, ଏମ୍ କେଲେ ଏଣ୍ଟରପ୍ରାଇଜେସ୍ ଏବଂ ମଦନଲାଲ ଲିମିଟେଡରୁ ବିଜେପି ୩୪୬ କୋଟି ଟଙ୍କା ପାଇଛି। ବେଦାନ୍ତ ୨୨୬ କୋଟି ଏବଂ ହଳଦିଆ ଏନର୍ଜୀ ବିଜେପିକୁ ୮୧ କୋଟି ଦେଇଛି।

ଏୟାରଟେଲ ୧୮୩ କୋଟି ଟଙ୍କା ବିଜେପିକୁ ଦେଇଛି। ହଳଦିଆ ଏନର୍ଜୀ ଟିଏମ୍‌ସିକୁ ୨୮୧ କୋଟି ଟଙ୍କା ଚାନ୍ଦା ଦେଇଛି ଓ ତେଲଙ୍ଗାନାରେ ବିଆରଏସ୍ ପାର୍ଟି ୧,୩୨୨ କୋଟି ଟଙ୍କା ଚାନ୍ଦା ପାଇଛି। ଏହାର ଚାନ୍ଦା ଅର୍ଥର ପ୍ରାୟ ଅଧା ବା ୬୬୧ କୋଟି ଟଙ୍କା ବିଆର୍‌ଏସ୍‌କୁ ୨୦୧୧ ଅକ୍ଟୋବର ୧୧ରୁ ୨୦୨୩ ସେପ୍ଟେମ୍ବର ମଧ୍ୟରେ ମିଳିଛି। ଡାଟା ଅନୁସାରେ ମୋନିକା ନାମ୍ନୀ ଜଣେ ମହିଳା କଂଗ୍ରେସକୁ ଏକାକୀ ୫ ଲକ୍ଷ ଟଙ୍କାର ବଣ୍ଡ୍ ଦେଇଛନ୍ତି। ୨୦୨୧ ଅକ୍ଟୋବରରେ ସେ ୧ ଲକ୍ଷ ଟଙ୍କା ମୂଲ୍ୟର ୫ଟି ଇଲେକ୍ଟୋରାଲ ବଣ୍ଡ୍ କିଣିଥିଲେ। ସେହିପରି ବିଜେଡିକୁ ଏସେଲ ମାଇନିଂ ୧୭୪.୫୦ କୋଟି, ଜିନ୍ଦଲ ଷ୍ଟିଲ୍ ୧୦୦ କୋଟି, ଉତ୍କଳ ଆଲୁମିନା ୭୦ କୋଟି ଟଙ୍କା ଚାନ୍ଦା ଦେଇଛି। ଇଲେକ୍ଟୋରାଲ ବଣ୍ଡ୍ ମାଧ୍ୟମରେ ବିଜେଡି ମୋଟ ୭୭୫ କୋଟି ଟଙ୍କା ପାଇଛି। ଡିଏମ୍ ୬୩୯ କୋଟି, ୱାଇଏସ୍‌ଆର୍ କଂଗ୍ରେସ ୩୩୭ କୋଟି, ଟିଡିପି ୨୧୮ କୋଟି, ଶିବସେନା ୧୫୮ କୋଟି ଟଙ୍କା। ପାଇଛି। ନିର୍ବାଚନୀ ବଣ୍ଡ୍‌ର ସଦ୍ୟ ସୂଚନାରେ ୨୦୧୯ ଏପ୍ରିଲରୁ ୨୦୨୪ ଫେବୃଆରୀ ପର୍ଯ୍ୟନ୍ତ ତଥ୍ୟ ରହିଛି। ଏଥିରେ ୨୦୧୮ ମାର୍ଚ୍ଚରୁ ୨୦୧୯ ଏପ୍ରିଲ ପର୍ଯ୍ୟନ୍ତ ତଥ୍ୟ ନାହିଁ। ଏହି ସମୟରେ ୪,୦୦୨ କୋଟି ଟଙ୍କାର ୯,୧୫୯ ଇଲେକ୍ଟୋରାଲ ବଣ୍ଡ୍ କ୍ରୟ କରାଯାଇଛି। ଏହାର ସବିଶେଷ ତଥ୍ୟ ହାସଲ କରିବା ଲାଗି ସୁପ୍ରିମକୋର୍ଟରେ ପୃଥକ ପିଟିସନ ଦାଖଲ କରାଯାଇଛି।

ଲଟେରି କିଙ୍ଗ୍ ସାଣ୍ଟିଆଗୋ ମାର୍ଟିନଙ୍କ କମ୍ପାନୀ ଫ୍ୟୁଚର ଗେମିଂ ୨୦୨୨ ଅକ୍ଟୋବର ପର୍ଯ୍ୟନ୍ତ ତୃଣମୂଳ କଂଗ୍ରେସକୁ ୨୮୫ କୋଟି ଟଙ୍କା ଦେଇଛି। ଉକ୍ତ କମ୍ପାନୀରୁ ଭାଜପା ଅନ୍ୟୁନ ୧୦୦ କୋଟି ପାଇଥିବାବେଳେ ୱାଇଏସ୍‌ଆର୍ କଂଗ୍ରେସ ୧୫୦ କୋଟି ଟଙ୍କା ପାଇଛି। ଫ୍ୟୁଚର ଗ୍ରୁପ୍ ଡିଏମ୍‌କୁ ଇଲେକ୍ଟୋରାଲ ବଣ୍ଡ୍‌ରେ ୫୦୯ କୋଟି ଟଙ୍କା ଦେଇଥିବା ପୂର୍ବରୁ ପ୍ରକାଶ ପାଇଥିଲା।

## ଓଡ଼ିଶାରେ ବିଜେଡି ପାଇଛି ୯୪୪ କୋଟି ଟଙ୍କା

ସମ୍ବଲପୁର : ଭାରତର ନିର୍ବାଚନ କମିଶନ ପ୍ରକାଶ କରିଥିବା ଇଲେକ୍ଟୋରାଲ ବଣ୍ଡର ସମ୍ପୂର୍ଣ୍ଣ ତଥ୍ୟ ଅନୁଯାୟୀ କେନ୍ଦ୍ରର ଶାସକ ଦଳ ଭାଜପା ଏବଂ ଓଡ଼ିଶାର ଶାସକ ଦଳ ବିଜେଡ଼ିକୁ ଖଣି ଓ ବୃହତ୍ତ ଇନଫ୍ରାଷ୍ଟ୍ରକଚର କମ୍ପାନୀ ଗୁଡିକ ବଣ୍ଡ ଜରିଆରେ ସର୍ବାଧିକ ଚାନ୍ଦା ଦେଇଛନ୍ତି। ବିଜେଡି ସର୍ବମୋଟ୍ ୯୪୪ କୋଟି ଟଙ୍କା ବଣ୍ଡ ଜରିଆରେ ଚାନ୍ଦା ଆଦାୟ କରିଛି। ସେମାନଙ୍କ ମଧ୍ୟରୁ ଆଦିତ୍ୟବିର୍ଲା ଗ୍ରୁପ୍‌ର ଚାରିଟି କମ୍ପାନୀ ବିଜେଡ଼ିକୁ ୨୪୦ କୋଟି ଟଙ୍କା ଦେଇଛନ୍ତି। ମୁମ୍ବାଇର ଏସ୍‌ଏଲ୍ ମାଇନିଂ ଏଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଇଏମଆଇଏଲ) ୧୭୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ଓ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ ୟୁଏଆଇଏଲ୍ ୫୦ କୋଟି ଟଙ୍କା ଦେଇଛି। ୟୁଏଆଇଏଲ୍‌ର ରାୟଗଡ଼ା ଜିଲ୍ଲାରେ ଏକ ଆଲୁମିନା ରିଫାଇନେରୀ ଏବଂ କ୍ୟାପଟିଭ୍ ବକ୍ସାଇଟ୍ ମାଇନ୍ସ ଓ ପାୱାର ପ୍ଲାଣ୍ଟ ରହିଛି। ରାୟଗଡ଼ାରେ ଏହି କମ୍ପାନୀ ୮ ହଜାର କୋଟି ଟଙ୍କା ବ୍ୟୟରେ ଅନ୍ୟ ଏକ ରିଫାଏନେରୀ ପ୍ରତିଷ୍ଠା କରିବା ପ୍ରସ୍ତାବ ରହିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଡିସେମ୍ବର ମାସରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆଲୁମିନିୟମ ଉତ୍ତୋଳନକୁ ନେଇ ଏହି କମ୍ପାନୀ ଅତୀତରେ ଜୋରଦାର ବିରୋଧର ସମ୍ମୁଖୀନ ହୋଇଥିଲା। ଏହାଛଡ଼ା ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଏବଂ ଅଲଟ୍ରାଟେକ୍ ମିଶି ବିଜେଡିକୁ ୨୦ କୋଟି ଟଙ୍କା ଦାନ ଦେଇଛନ୍ତି। ସେହିପରି ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଓଡ଼ିଶାରେ ଚାଲିଥିବା ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲିମିଟେଡ ୧୦୦ କୋଟି ଟଙ୍କା ବିଜେଡିକୁ ଦେଇଛି। ଓଡ଼ିଶାର ଏସ୍.ଏନ୍.ମହାନ୍ତି ଗ୍ରୁପ୍ ୩୪ କୋଟି, ରୁଙ୍ଗଟା ମାଇନ୍ସ ୫୦ କୋଟି, ରତନ ଜିନ୍ଦଲଙ୍କ ନେତୃତ୍ୱରେ ଥିବା ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ ଜେ.ଏସ୍.ଏଲ ୨୯ କୋଟି ଟଙ୍କା ଓ ବେଦାନ୍ତ ଗ୍ରୁପ୍ ୩୨ କୋଟି ଟଙ୍କା ବିଜେଡିକୁ ଦେଇଛନ୍ତି। କେଜେଏସ୍ ଆହ୍ଲୁୱାଲିଆ ୪ କୋଟି, ଇନ୍ଦ୍ରାଣୀ ପଟ୍ଟନାୟକ ୩ କୋଟି ଓ ସରୋଜ୍ ଏଲିଝା ୨.୫ କୋଟି ଟଙ୍କା ବିଜେଡିକୁ ଦେଇଛନ୍ତି। ଏମ୍.କେ.ଜେ ଏଣ୍ଟରପ୍ରାଇଜେସ୍ ୧୦ କୋଟି ଏବଂ ଡି.ଏସ୍. ଇଞ୍ଜିନିୟରିଂ ୫ କୋଟି ଟଙ୍କା ବିଜେଡିକୁ ଦାନ କରିଥିବା ଜଣାପଡିଛି।

## ମୋଦିଙ୍କୁ ଭୁଟାନର ସର୍ବୋଚ୍ଚ ସମ୍ମାନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭୁଟାନର ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ୍ ଦି ଡୁକ୍ ଗ୍ୟାଲପୋ'ରେ ସମ୍ମାନିତ



କରାଯାଇଛି। ଭୁଟାନର ରାଜା ଜିଗ୍ ନାମଟୋଲ ୱାଙ୍ଗଚୁକ ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏଭଳି ସମ୍ମାନ ପାଇବାରେ ମୋଦି ହେଉଛନ୍ତି ପ୍ରଥମ ବିଦେଶୀ ରାଷ୍ଟ୍ରନେତା। ଭାରତ-ଭୂଟାନ ସମ୍ପର୍କରେ ଉନ୍ନତି ଏବଂ ଭୁଟାନ ଓ ସେଠାକାର ଦେଶବାସୀଙ୍କ ପାଇଁ ଉଲ୍ଲେଖନୀୟ ସେବା କରିଥିବାରୁ ମୋଦିଙ୍କୁ ଏହି ସମ୍ମାନ ମିଳିଛି।


## ଶ୍ୟାମ ସୁନ୍ଦର ଧର ପାଇବେ 'ଭୂମାଶ୍ରୀ ସମ୍ମାନ'



ସମ୍ବଲପୁର : ବିଶିଷ୍ଟ ସଂସ୍କୃତି ଗବେଷକ ତଥା ଅବସରପ୍ରାପ୍ତ ପ୍ରାଧାପକ ଡକ୍ଟର ଶ୍ୟାମ ସୁନ୍ଦର ଧର ଚଳିତବର୍ଷ ବସୁମତି ସାହିତ୍ୟ ସଂସଦ ପକ୍ଷରୁ ଦିଆଯାଉଥିବା 'ଭୂମାଶ୍ରୀ ସମ୍ମାନ -୨୦୨୪' ପାଇବା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ମାସ ୭ ତାରିଖ ଦିନ ତାଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଭୂମାଶ୍ରୀର ମୁଖ୍ୟ ସଂପାଦକ ସୌଭାଗ୍ୟବନ୍ତ ମ ହ । ର ଣ । ଜଣାଇଛନ୍ତି।

## ଓଡ଼ିଶାରେ ବିଜେପି - ବିଜେଡ଼ି ମେଣ୍ଟ ହେଲା ନାହିଁ : ଉଭୟେ ଏକାକୀ ଲଢ଼ିବେ

ଭୁବନେଶ୍ୱର: ବିଜେଡି-ବିଜେପି ସମ୍ଭାବ୍ୟ ମେଣ୍ଟକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ମେଣ୍ଟ ହେବନି, ବିଜେଡି ଏବଂ ବିଜେପି ଅଲଗା ଅଲଗା ବା ଏକାକୀ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି। ପ୍ରଥମେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ପରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକାକୀ ଲଢ଼ିବା ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟ ବିଜେପି ସଭାପତି ଶ୍ରୀ ସାମଲ ଧନ୍ୟବାଦ ଜଣାଇ ସାମାଜିକ ଗଣମାଧ୍ୟମରେ କହିଛନ୍ତି ଯେ, ଗତ ୧୦ବର୍ଷ ଧରି ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିଜୁ ଜନତା ଦଳ (ବିଜେଡି) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରଙ୍କୁ ରାଷ୍ଟ୍ରୀୟ ମହତ୍ତ୍ୱ ଥିବା ଅନେକ ପ୍ରସଙ୍ଗରେ ସମର୍ଥନ କରିଆସୁଛି। ଏଥିପାଇଁ ଆମେ ତାଙ୍କୁ ଧନ୍ୟବାଦ ଜଣାଉଛୁ। ସମଗ୍ର ଦେଶରେ ଯେଉଁସବୁ ରାଜ୍ୟରେ ଡବଲ ଇଞ୍ଜିନ ସରକାର ରହିଛି ସେଠାରେ ବିକାଶ ଓ ଗରିବ କଲ୍ୟାଣର କାର୍ଯ୍ୟସବୁ ତ୍ୱରାନ୍ୱିତ ହୋଇଛି ଏବଂ ସବୁ କ୍ଷେତ୍ରରେ ସମ୍ପୃକ୍ତ ରାଜ୍ୟଗୁଡ଼ିକ ଅଗ୍ରଗତି ହାସଲ କରୁଛନ୍ତି ବୋଲି ଆମେ ଅନୁଭବ କରୁଛୁ, କିନ୍ତୁ ଓଡ଼ିଶାରେ ମୋଦୀ ସରକାରଙ୍କ ଅନେକ କଲ୍ୟାଣକାରୀ ଯୋଜନା ତୃଣମୂଳସ୍ତରକୁ ପହଞ୍ଚି ପାରୁନାହିଁ, ଯେଉଁ କାରଣରୁ ଓଡ଼ିଶାର ଗରିବ ଲୋକେ ଏସବୁର ସୁଫଳ ପାଇ ପାରୁ ନାହାନ୍ତି। ଓଡ଼ିଆ-ଅସ୍ମିତା, ଓଡ଼ିଶାର ଗୌରବ ଏବଂ ଓଡ଼ିଶାବାସୀଙ୍କ ସ୍ୱାର୍ଥ ସହ ଜଡ଼ିତ ଅନେକ ପ୍ରସଙ୍ଗରେ ଆମେ ରାଜ୍ୟ ସରକାରଙ୍କ ସହ ସମ୍ମତ ହୋଇପାରୁନାହୁଁ। ଶ୍ରୀ ସାମଲ କହିଛନ୍ତି ଯେ, ସାଢ଼େ ଚାରି କୋଟି ଓଡ଼ିଆଙ୍କ ଆଶା, ଅଭିଳାଷ ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଏକ ବିକଶିତ ଭାରତ ତଥା ବିକଶିତ ଓଡ଼ିଶା ଗଠନ ନିମନ୍ତେ ଭାରତୀୟ ଜନତା ପାର୍ଟି ଏଥର ସମସ୍ତ ୨୧ ଲୋକସଭା ଓ ୧୪୭ ବିଧାନସଭା ଆସନରେ ଏକାକୀ ଲଢ଼ିବ। ରାଜ୍ୟ ସଭାପତି ଏହି ଘୋଷଣା କଲା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ବିଜେପିର ବହୁ ନେତା ଏହାକୁ ସେମାନଙ୍କର 'ଏକ୍ସ' ହ୍ୟାଣ୍ଡଲରେ ରିପୋଷ୍ଟ କରିଛନ୍ତି। ଦଳର ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର କହିଛନ୍ତି ଯେ, ବିଜେଡି ସରକାର ଉପରେ ଆକ୍ରୋଶ ରହିଛି। ବିଜେପି ୨୧ ଲୋକସଭା ଓ ୧୪୭ ବିଧାନସଭା ଆସନରେ ଭଲ ଫଳାଫଳ କରିବ। ସେହିପରି ବିଜେଡି ସାଂଗଠନିକ ସମ୍ପାଦକ ଶ୍ରୀ ଦାସ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ, ଓଡ଼ିଶାବାସୀଙ୍କ ଆସ୍ଥା ବଳରେ ବିଜେଡି ରାଜ୍ୟର ସେବା କରିବା ସହ ସବୁ କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ଆଣିଛି। ବିଜେଡି ସମସ୍ତ ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀ ଓ ସମସ୍ତ ୨୧ଟି ଲୋକସଭା ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦିତା କରିବା ସହ ଓଡ଼ିଶାବାସୀଙ୍କ ସମର୍ଥନ ଏବଂ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ତିନି ଚତୁର୍ଥାଂଶରୁ ଅଧିକ ଆସନରେ ବିଜୟୀ ହେବ। ରାଷ୍ଟ୍ରଗଠନ ପାଇଁ ସହଯୋଗୀ ସଂଘୀୟ ବ୍ୟବସ୍ଥା ଏବଂ ରାଷ୍ଟ୍ରନୀତିଜ୍ଞ ମନୋଭାବ ସହିତ ଓଡ଼ିଶାବାସୀଙ୍କୁ ସବୁବେଳେ ଆଗଧାଡ଼ିରେ ରଖି ସେମାନଙ୍କ କଲ୍ୟାଣ ପାଇଁ ବିଜେଡି ନିଷ୍ପତ୍ତି ନେବ। ନୂତନ ଓ ସଶକ୍ତ ଓଡ଼ିଶା ଆମର ଲକ୍ଷ୍ୟ ହେବ। ଆମର ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମେ ଏହାକୁ ହାସଲ କରିବା ଦିଗରେ ଆଗେଇ ଚାଲିଛୁ।




## ଏ ସଂଖ୍ୟାରେ..


ଓଡ଼ିଶାରେ ଦୋଳଯାତ୍ରା


ଡାଇବେଟିସ୍ ନିୟନ୍ତ୍ରଣ କରେ ସଜନା ଶାଗ


କୋଲେଷ୍ଟେରଲ କମ୍ କରିବ ଅମୃତ ଭଣ୍ଡା


କର୍କଟ ଆଶଙ୍କା ହ୍ରାସ କରେ ଆଖୁରସ


ସ୍ୱାସ୍ଥ୍ୟୋପଯୋଗୀ ଷ୍ଟ୍ରବେରୀ


ଶୁଖିଲା ନଡ଼ିଆର ଉପକାରିତା

## ଫ୍ୟୁଚର ଅଫ୍ ଫିଲ୍ମ ମେକିଙ୍ଗ -ଦିବ୍ୟରଞ୍ଜନ ଭୂୟାଁ




କଳା ହେଉଛି ଅଭିବ୍ୟକ୍ତିର ମାଧ୍ୟମ। କଳା ହେଉଛି ସମାଜର ପ୍ରତିବିମ୍ବ। ଚିତ୍ରକଳା, ହେଉ ଅଥବା ମୂର୍ତ୍ତିକଳା, ନୃତ୍ୟ ହେଉ ଅବା ଚଳଚ୍ଚିତ୍ର ବିବିଧ ମାଧ୍ୟମରେ କଳାକାର ଟିଏ ନିଜକୁ ପରିପ୍ରକାଶ କରିଥାଏ ସମାଜ ସାମ୍ନାରେ। ସେହିପରି ଜଣେ ଉଦୀୟମାନ ଯୁବ କଳାକାର ହେଉଛନ୍ତି, ଦିବ୍ୟରଞ୍ଜନ ଭୂୟାଁ। ଯିଏ କେବଳ ଜଣେ ସଫଳ ଚିତ୍ରଶିଳ୍ପୀ ନୁହନ୍ତି, ବରଂ ନିଜର ଲଘୁ ଚଳଚ୍ଚିତ୍ର ପାଇଁ, ଆଜି ଓଡିଶାରେ ବେଶ ଜଣାଶୁଣା।

ଦିବ୍ୟଙ୍କ ଜନ୍ମ ଯାଜପୁର ଜିଲ୍ଲାର ଦାନଗଦି ବ୍ଲକରେ, ଓ ତାଙ୍କ ପିତା ଲକ୍ଷ୍ମଣ କୁମାର ଭୂୟାଁ ଜଣେ ବ୍ୟବସାୟୀ ଓ ସୁଦକ୍ଷ ତବଲା ବାଦକ ଏବଂ ତାଙ୍କ ମାଆ ନର୍ମଦା ଭୂୟାଁ ଜଣେ ସୁଗୃହିଣୀ। ପିଲାଟି ଦିନୁ ଦିବ୍ୟଙ୍କର କଳା ପ୍ରତି ଆକର୍ଷଣ ଥିଲା। ପିଲାଦିନର ଖଡ଼ିଚିତ୍ରରୁ ହିଁ ଆରମ୍ଭ ହୋଇଥିଲା, ଦିବ୍ୟଙ୍କ କଳାକାର ଜୀବନ। ସେ ଯାଜପୁରର ଜାଭିଅର କଲେଜରେ ପଢ଼ି ସାରିବା ପରେ, କଳା କ୍ଷେତ୍ରରେ ନିଜ କ୍ୟାରିଅର କରିବା ପାଇଁ ଭାବିଥିଲେ। ସେଥିପାଇଁ ସେ ୨୦୨୦ ମସିହାରେ ଭୁବନେଶ୍ୱରର ବି.କେ. ଆର୍ଟ କଲେଜରେ ନାମ ଲେଖାଇ, ପେଣ୍ଟିଙ୍ଗ ବିଭାଗରେ କଳା ଶିକ୍ଷା କଲେ। ସେ ନିଜ କଳାକୃତି ପାଇଁ କଲେଜ ଓ ରାଜ୍ୟ ସରକାରଙ୍କ ଦ୍ୱାରା ମଧ୍ୟ ପୁରସ୍କୃତ। କଳାକ୍ଷେତ୍ରରେ ସେ ବିଜୟ ବିଶ୍ୱାଳ ଓ ରଘୁନାଥ ସାହୁଙ୍କ ଭଳି କଳାକାର ମାନଙ୍କଠାରୁ ଅନୁପ୍ରାଣିତ କହନ୍ତି ବୋଲି।

ଦିବ୍ୟଙ୍କୁ ଆକ୍ରିଲିକ ଓ ୱାଟରକଲର ମାଧ୍ୟମରେ କାର୍ଯ୍ୟ କରିବା ପସନ୍ଦ ସେ ଚାରକୋଲକୁ ବ୍ୟବହାର କରି ମଧ୍ୟ ଅନେକ ଗୁଡିଏ ସୁନ୍ଦର କଳାକୃତି ପ୍ରସ୍ତୁତ କରିଛନ୍ତି। ଦିବ୍ୟଙ୍କୁ ଡାର୍କ ଥିମ ଓ ସୋସିଆଲ କଂସେପ୍ଟକୁ ନେଇ କଳାକୃତି କରିବାକୁ ଭଲ ଲାଗେ। ଅନେକ ସମୟରେ ଆର୍ଥିକ ଉନ୍ନତି ଓ ଅବନତି, ଦେଖିଥିଲେ ମଧ ଆଜି ସେ ନିଜ କଳା ଯୋଗୁଁ ଅନେକଙ୍କ ପାଇଁ ପ୍ରେରଣା ସାଜିଛନ୍ତି। କଲେଜର ପ୍ରଥମ ବର୍ଷରେ ନୂଆ ଫୋନ କିଣିବା ପରେ ତାଙ୍କର, ଚିତ୍ରଶିଳ୍ପୀ ରୁ ଫିଲ୍ମମେକର ହେବାର ଯାତ୍ରା ଆରମ୍ଭ ହୋଇଥିଲା। ସେ ନିଜ ବନ୍ଧୁମାନଙ୍କୁ ନେଇ ଦଳଗତ ଭାବେ ପ୍ରଥମେ ମ୍ୟୁଜିକ ଭିଡ଼ିଓ କରିବାକୁ ଆରମ୍ଭ କରିଥିଲେ ଓ ପରବର୍ତ୍ତୀ ମୁହୂର୍ତ୍ତରେ ଧୀରେ ଧୀରେ ଲଘୁ ଚଳଚ୍ଚିତ୍ର ନିର୍ମାଣ କଲେ। ତାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଲଘୁ ଚଳଚ୍ଚିତ୍ର 'ଦି ବ୍ରଣ୍ଟ ପେନସିଲ', 'ଆଇନା', 'ଏ ଜର୍ଣ୍ଣି ଟୁ ହାପିନେସ', ଓ 'ଦି ଗାଲଡ ଫିସ' ଇତ୍ୟାଦି ୟୁଟ୍ୟୁବରେ ବେଶ ଲୋକାଦୃତ। ଏତେ କମ ବୟସରେ, ଏତେ ନିଖୁଣ ନିର୍ଦ୍ଦେଶନା ଓ ଦର୍ଶକଙ୍କୁ ବାନ୍ଧି ରଖିପାରୁଥିବା କାହାଣୀ ଯୋଗୁଁ ସେ ଆଜି ହଜାର ହଜାର ଓଡ଼ିଆ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଛନ୍ତି ଓ ଜଣେ ସ୍ୱାଧୀନ ଚଳଚ୍ଚିତ୍ର ନିର୍ମାତା ଭାବେ ଯୁବପିଢ଼ି ପାଇଁ ପ୍ରେରଣା ପାଲଟିଛନ୍ତି।

ସେ ଜଣେ ସଫଳ ଚିତ୍ରଶିଳ୍ପୀ ହେବା ସହ ଭବିଷ୍ୟତରେ ଜଣେ ସଫଳ ଚଳଚ୍ଚିତ୍ର ନିର୍ମାତା ହେବାର ଲକ୍ଷ୍ୟ ରଖିଛନ୍ତି। ଭବିଷ୍ୟତରେ ପ୍ରଖ୍ୟାତ ସ୍ଥପତି ଓ ମୂର୍ତ୍ତିକାର ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ଜୀବନ ଓ କଳାକୃତି ଉପରେ ଏକ ବୃତ୍ତଚିତ୍ର ତଥା ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଆଶା ରଖିଛନ୍ତି। ସେ ବର୍ତ୍ତମାନର ଯୁବପିଢ଼ିକୁ ସମୟ ନଷ୍ଟ ନକରି, ଅର୍ଥ ଓ ସମୟର ସଦୁପଯୋଗ କରିବାକୁ ବାର୍ତ୍ତା ଦେଇଛନ୍ତି। ଏହାସହିତ ପ୍ରତ୍ୟେକଟି ପିଲାକୁ ନିଜ ଆଗ୍ରହକୁ ଅନୁସରଣ କରିବାକୁ ସୁଯୋଗ ମିଳିବା ଉଚିତ ବୋଲି ସେ ମତ ପ୍ରକାଶ କରିଛନ୍ତି।

**ସୌମ୍ୟରଞ୍ଜନ ସାମଲ**
ମୋ: ୯୩୪୮୮୮୧୮୩୬

## ଏଡିଆର ରିପୋର୍ଟ: ୯୫ ବିଧାୟକ କୋଟିପତି

ଭୁବନେଶ୍ୱର : ଓଡ଼ିଶା ବିଧାନସଭାରେ ବର୍ତ୍ତମାନ ୧୪୬ ବିଧାୟକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୯୫ ଜଣ ଅର୍ଥାତ ୬୫ ପ୍ରତିଶତ ବିଧାୟକ ହେଉଛନ୍ତି କୋଟିପତି। ସେହିପରି ୬୫ (୪୫%) ବିଧାୟକଙ୍କ ନାମରେ ଅପରାଧିକ ମାମଲା ରହିଛି। ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମସ (ଏଡିଆର) ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ନିର୍ବାଚନ ସମୟରେ ଦାଖଲ ହୋଇଥିବା ସତ୍ୟପାଠକୁ ଏଡିଆର ଏବଂ ନ୍ୟାସନାଲ ଇଲେକ୍ସନ ୱାଚ୍ ପକ୍ଷରୁ ବିଶ୍ଳେଷଣ କରାଯାଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି।

ଏଡିଆର ରିପୋର୍ଟ ତଥ୍ୟ ଅନୁସାରେ, ସର୍ବାଧିକ ସମ୍ପତ୍ତି ତାଲିକାରେ ପ୍ରଥମ ତିନି ଜଣଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ (୬୩କୋଟି ଟଙ୍କାରୁ ଉର୍ଦ୍ଧ୍ୱ), ଝାରସୁଗୁଡ଼ାର ବିଜେଡି ବିଧାୟିକା ଦୀପାଳି ଦାସ (୪୦ କୋଟିରୁ ଉର୍ଦ୍ଧ୍ୱ) ଓ ପାଟଣାଗଡ଼ ବିଧାୟକ ସରୋଜ ମେହେର (୩୧ କୋଟିରୁ ଉର୍ଦ୍ଧ୍ୱ) ରହିଛନ୍ତି। ସେହିଭଳି ସମ୍ପତ୍ତି ତାଲିକାରେ ସବୁଠାରୁ ଶେଷରେ ରହିଛନ୍ତି ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି। ତାଙ୍କର ସମୁଦାୟ ସମ୍ପତ୍ତିର ମୂଲ୍ୟ ୧୫ ହଜାର ଟଙ୍କା। ସବୁଠାରୁ କମ୍ ଟଙ୍କାର ସମ୍ପତ୍ତି ଥିବା ତିନିଜଣ ସଦସ୍ୟଙ୍କ ମଧ୍ୟରେ ମକରନ୍ଦ ମୁଦୁଲିଙ୍କ ସହ ମୟୂରଭଞ୍ଜ ଜିଲ୍ଲା ବାରିପଦା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରକାଶ ସୋରେନ ଓ ବରୀ ବିଧାୟିକା ସୁନନ୍ଦା ଦାସ ରହିଛନ୍ତି। ପ୍ରକାଶଙ୍କ ସମୁଦାୟ ସମ୍ପତ୍ତିର ମୂଲ୍ୟ ୯ ଲକ୍ଷ ୨୨ ହଜାର ୭୮୦ ଟଙ୍କା। ବରୀ ବିଧାୟିକା ସୁନନ୍ଦାଙ୍କ ସମ୍ପତ୍ତିର ମୂଲ୍ୟ ୮ ଲକ୍ଷରୁ ଉର୍ଦ୍ଧ୍ୱ। ବିଧାନସଭାର ସଦସ୍ୟଙ୍କ ମଧ୍ୟରେ ସର୍ବାଧିକ ଋଣ କରିଥିବା ତିନି ଜଣଙ୍କ ମଧ୍ୟରେ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ, ଯାହାଙ୍କର ଋଣର ପରିମାଣ ୧୯ କୋଟିରୁ ଉର୍ଦ୍ଧ୍ୱ। ସେହିଭଳି ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କର ୭ କୋଟିରୁ ଉର୍ଦ୍ଧ୍ୱ ଏବଂ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କର ୪ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଋଣ ଥିବା ଏଡିଆର ରିପୋର୍ଟରୁ ଜଣାପଡ଼ିଛି। ସବୁଠାରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ୧୦ଜଣ ବିଧାୟକ ଓ ବିଧାୟିକାଙ୍କ ମଧ୍ୟରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଓ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ରହିଛନ୍ତି।

ରାଜ୍ୟରେ ୬୫ (୪୫%) ବିଧାୟକଙ୍କ ନାମରେ ଅପରାଧିକ ମାମଲା ରହିଛି। ଏଥିରୁ ୪୭ (୩୨%) ବିଧାୟକଙ୍କ ନାମରେ ରହିଛି ଗୁରୁତର ଅପରାଧିକ ମାମଲା। ୨ ବିଧାୟକଙ୍କ ବିରୋଧରେ ହତ୍ୟା ଏବଂ ୧୧ ବିଧାୟକଙ୍କ ବିରୋଧରେ ହତ୍ୟା ଉଦ୍ୟମ ସମ୍ପର୍କିତ ମାମଲା ଅଛି। ୧୨ ବିଧାୟକ ମହିଳା ବିରୋଧୀ ଅପରାଧରେ ଜଡ଼ିତ ବୋଲି ଜଣାପଡ଼ିଛି। ରାଜ୍ୟର ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀରୁ ଖାଲିଥିବା ଦିଗପହଣ୍ଡି ଆସନକୁ ବାଦ୍ ଦେଇ ୧୪୬ ବିଧାୟକଙ୍କ ଅପରାଧିକ, ଆର୍ଥିକ ଏବଂ ଅନ୍ୟ ପୃଷ୍ଠଭୂମି ଉପରେ ରିପୋର୍ଟରେ ତର୍ଜମା କରାଯାଇଛି।

## ଏନ୍ଏସ୍ସିବି ମହାବିଦ୍ୟାଳୟରେ ଆତ୍ମସୁରକ୍ଷା କୌଶଳ ଶିବିର ଉଦ୍ଘାଟିତ

ସମ୍ବଲପୁର : ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କ୍ଲବ୍ ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ପକ୍ଷରୁ +୩ ପ୍ରଥମ ବର୍ଷ ଛାତ୍ରୀଙ୍କ ପାଇଁ ୨୦ ଦିନ ବ୍ୟାପୀ ହେବାକୁ ଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ପ୍ରଦୀପ କୁମାର ହରପାଲ ଶିବିରକୁ ଉଦଘାଟନ କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ସ୍ନାତକୋତ୍ତର ଇତିହାସ ବିଭାଗମୁଖ୍ୟ ପ୍ରଫେସର ଦୁର୍ଲ୍ଲଭ କୁମାର ସା ଯୋଗ ଦେଇ ଛାତ୍ରୀଙ୍କୁ ଉପଦେଶ ପ୍ରଦାନ ପୂର୍ବକ ନିଜର ଆତ୍ମବିଶ୍ୱାସ ବଜାୟ ରଖି




ନିଜକୁ ମାନସିକ ତଥା ଶାରୀରିକ ଭାବରେ ସଦା ପ୍ରସ୍ତୁତ ରଖିବା ପାଇଁ ମତବ୍ୟକ୍ତ କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗମୁଖ୍ୟ ଡକ୍ଟର ଶ୍ୟାମ ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବିଭିନ୍ନ ଉଦାହରଣ ମାଧ୍ୟମରେ ଆତ୍ମସୁରକ୍ଷା କୌଶଳ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବରେ ରେଡ଼ିଓ ହୀରାଖଣ୍ଡର ଉପନିର୍ଦ୍ଦେଶିକା ଶ୍ରୀମତୀ ପିଙ୍କି ପ୍ରଧାନ ଯୋଗ ଦେଇ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଆତ୍ମରକ୍ଷା ପ୍ରଶିକ୍ଷଣ କ୍ଲବର ସଂଯୋଜିକା ଅଧାପିକା ଶ୍ରୀମତୀ ପ୍ରିୟଦର୍ଶିନୀ ବେଉରା ସଭା ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ତାଳପଟିଆରେ ୨୪ ପ୍ରହରୀ ନାମଯଜ୍ଞ

ଝାରସୁଗୁଡ଼ା : ତାଳପଟିଆ ଗ୍ରାମର ଜଗନ୍ନାଥ ମନ୍ଦିର ଯଜ୍ଞ ମଣ୍ଡପ ଠାରେ ଶ୍ରୀ ଶ୍ରୀ ରାଧାରମଣ ସେବା ସମିତି ପକ୍ଷରୁ ଗତ ଶୁକ୍ରବାର ଦିନ ଠାରୁ ୨୪ ପ୍ରହରୀ ନାମଯଜ୍ଞ ଆରମ୍ଭ ହୋଇଛି। ଏହା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଶ୍ରୀ ରୋହିତ କୁମାର ମହାପାତ୍ର ପୂଜାର୍ଚ୍ଚନା କରୁଥିବା ବେଳେ ଏହି ନାମ ସଂକୀର୍ତ୍ତନରେ ପ୍ରହଲ୍ଲାଦ ମିଶ୍ର, ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଳାଉଛନ୍ତି। ଆଖପାଖ ଅଞ୍ଚଳର ବହୁ ସଂକୀର୍ତ୍ତନ ଦଳ ଏଥିରେ ଅଂଶ ଗ୍ରହଣ କରିଛନ୍ତି।

## ହେମଗିରୀ ଅଞ୍ଚଳର ଆଦିବାସୀ ଦେବତା 'ରକ୍ସା ବୁଢ଼ା'

**ଡଃ. ଦୁର୍ଗା ମାଧବ ପୃଷ୍ଟି**

ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ବ୍ଲକ୍ ଅନ୍ତର୍ଗତ 'ବିଲେଇଶୁଣି' ଏକ ଆଦିବାସୀ ଅଧୁଷିତ ଅଞ୍ଚଳ। ହେମଗିରୀ ଠାରୁ ବିଲେଇଶୁଣି ଯିବା ପାଇଁ ନିଘଞ୍ଚ ଜଙ୍ଗଲ ଓ ପାହାଡ଼ ଆବଡ଼ା ଖାବଡ଼ା ଏକ ସଂକୀର୍ଣ୍ଣ ରାସ୍ତା। ସେହି ରାସ୍ତାଦେଇ ହେମଗିରୀ ଠାରୁ ସୁନ୍ଦରଗଡ଼ ଯିବାକୁ ମଧ୍ୟ ଯାତାୟତର ସୁବିଧା ଅଛି। କିନ୍ତୁ ଏହା ନିରାପଦ ନୁହେଁ। ଏହି ବାଟଦେଇ ଯାତାୟତ କରୁଥିବା ବାଟୋଇମାନେ ନିଘଞ୍ଚ ଜଙ୍ଗଲ ଭିତରେ ବିଚରଣ କରୁଥିବା ବନ୍ୟଜନ୍ତୁ ମାନଙ୍କର ସାକ୍ଷାତ ପାଇଯିବାର ବହୁ ସମ୍ଭାବନା ଥାଏ।

ହେମଗିରୀ ଠାରୁ ୨/୩ କି.ମି ଦୂର ଯିବାପରେ ଏକ ଦୀର୍ଘ ଗଡ଼ାଣିଆ ପାହାଡ଼ିଆ ରାସ୍ତା। ରାସ୍ତା କଡ଼ରେ ପ୍ରାୟ ପଚିଶ ଫୁଟ ଉଚ୍ଚର ଏକ ମନ୍ଦିର। ଏହି ମନ୍ଦିରରେ କୌଣସି ଉତ୍କଳୀୟ କିମ୍ବା ଭାରତୀୟ ଧର୍ମୀୟ ପରମ୍ପରାର ଦେବତା ବା ଦେବୀ ପୂଜା ପାଆନ୍ତି ନାହିଁ। ପୂଜା ପାଆନ୍ତି ଏକ ସ୍ୱତନ୍ତ୍ର ଦେବତା। ଯାହାଙ୍କ ନାମ 'ରନ୍ଧା ବୁଢ଼ା'। ସଂପ୍ରତି ଏହି 'ରନ୍ଧା ବୁଢ଼ା'ର ଆଧାତ୍ମିକ ଚେତନା, ସମଗ୍ର ହେମଗିରୀ ଏବଂ ବିଲେଇଶୁଣି ଅଞ୍ଚଳରେ ବହୁ ପ୍ରଭାବ ପକାଇଅଛି। ଏହି ଦେବତାଙ୍କ ଆକାର ନରାକୃତି। ବସ୍ତ୍ର ପରିପାଟୀ ହିସାବରେ ଆଦିବାସୀ ସଂପ୍ରଦାୟର କଉପୁନୀ କାଛିଆ। ଗୋଟିଏ ହାତରେ ଗୋଟିଏ ଟାଙ୍ଗିଆ (କୁରାଢ଼ୀ) ଓ ଅନ୍ୟ ହାତଟିରେ ଗୋଟିଏ ବନ୍ସୀ କଣ୍ଟା।

ଏହି ଦେବତାଙ୍କ ପ୍ରାଚୀନ



ଇତିହାସ ସଂପର୍କରେ ଏକ ବିସ୍ମୟକର କିମ୍ବଦନ୍ତୀ ଶୁଣିବାକୁ ମିଳେ। ହେମଗିରୀ ଅଞ୍ଚଳର ପୂର୍ବତନ ରାଜା ଶ୍ରୀ ଚନ୍ଦନ ସିଂହ ଗଡ଼ତିଆ ଏକଦା ନିଜର ପାର୍ଷଦ, ଜମିଦାର ବିଶ୍ୱମ୍ଭର ସିଂହ ଓ ଜଗନାରାୟଣଙ୍କୁ ନେଇ ଏହି ଜଙ୍ଗଲକୁ ଶିକାର ପାଇଁ ଯାଇଥିଲେ। ଏହି ଜଙ୍ଗଲ 'ରକ୍ସାବୁଢ଼ା'ଙ୍କ ଆଶିର୍ବାଦରୁ ବଣଜନ୍ତୁ ମାନଙ୍କର ନିରାପଦ ଆଶ୍ରୟସ୍ଥଳୀ ଥିଲା। ଏଠାରେ ସେ ଏହା ମର୍ମେ ମର୍ମେ ଉପଲବ୍ଧ କରିଥିଲେ ଏବଂ 'ରନ୍ଧା ବୁଢ଼ା'ଙ୍କର ସ୍ମାରକୀ ସ୍ୱରୂପ କିଛି ପୁଞ୍ଜି ପଥର ଏକତ୍ରିତ କରି ନିଜର ମନସ୍କାମନା ପୁରଣ ନିମନ୍ତେ ପୂଜାର୍ଚ୍ଚନା କରୁଥିଲେ। ପ୍ରକାଶଯୋଗ୍ୟ କି ଶିକାର କରିବାକୁ ସାଙ୍ଗରେ ଯାଇଥିବା ଏକ ହାତୀ ଏଠାରେ ମୃତ୍ୟୁବରଣ କରିଥିଲା। ରାଜା ମଧ ନିଜେ ତୃଷାର୍ତ୍ତ ହୋଇ ଜଳନ ପାଇ ମୃତ୍ୟୁମୁଖୀ ହୋଇ ପଡ଼ିଥିଲେ। କିନ୍ତୁ ଭଗବତ୍ ଚିନ୍ତା ନା ଦୃଷ୍ଟିରୁ ଅକସ୍ମାତ୍ ଏକ ଜଳସ୍ରୋତର ଦୃଷ୍ଟି ଆକର୍ଷିତ ହୋଇଥିଲେ। ଏବେ ବି ସେହି ସ୍ଥାନରେ ଏକ ନଳକୂପ ଖନନ କରାଯାଇ ଅବସର ଜଳସ୍ରୋତର ଉତ୍ସ ଉନ୍ମୋଚନ କରାଯାଇଅଛି। ସଂପ୍ରତି ଏହି ସ୍ଥାନରେ ୩୦/୪୦ ହଜାର ଲୋକଙ୍କର ସମାବେଶରେ ହେମଗିରୀ ଅଞ୍ଚଳର ପୂର୍ତ୍ତ ବିଭାଗର ପୂର୍ବତନ କନିଷ୍ଠ ଯନ୍ତ୍ରୀ ଅନନ୍ତ ଚରଣ ସାହୁଙ୍କ ନେତୃତ୍ୱରେ ଏକ ଯଜ୍ଞ କରାଯାଇ ଏହି ନୂତନ ମନ୍ଦିରର ପ୍ରତିଷ୍ଠା କରାଯାଇଅଛି। ମନ୍ଦିର ଚତୁଃପାର୍ଶ୍ୱରେ ଏକ ନାତିପ୍ରସ୍ଥ ଚଟାଣ, ଗୋଟିଏ ପାନ୍ଥଶାଳା ଓ ପୂଜା ପ୍ରସାଦ ତଥା ପୂଜକ ପାଇଁ ଏକ ରୋଷଶାଳା ନିର୍ମାଣର ଯୋଜନା ରହିଅଛି। ବର୍ତ୍ତମାନ ଏହି ମନ୍ଦିର ଓ ଦେବତା ଏ ଅଂଚଳର ମୁଖ୍ୟ ଆରାଧନା ଓ ଦର୍ଶନୀୟ ସ୍ଥଳୀ ହୋଇ ରହିଛି। ଏହାର ବିକାଶ କରାଯାଇ ପାରିଲେ ମନ୍ଦିରଟି ଆଦିବାସୀ ସଂସ୍କୃତିର ଏକ ଆଧାତ୍ମିକ କେନ୍ଦ୍ର ହୋଇପାରନ୍ତା।

**ଢେଙ୍କାନାଳ,**
**ଦୂରଭାଷ : ୯୪୩୯୩୪୯୭୯୧**

# ଓଡ଼ିଶାରେ ଦୋଳଯାତ୍ରା

**ପଣ୍ଡିତ ନାମଯଜ୍ଞ ମିଶ୍ର**

ବସନ୍ତ ଋତୁର ଯୌବନ ଭାଗରେ ବାସନ୍ତିକ ସୁଷମାରେ ସଜ୍ଜିତ ହୋଇ ଫାଲଗୁନ ମାସ ପୂର୍ଣ୍ଣିମା ତିଥିରେ ଆସେ ଦୋଳ ପୂର୍ଣ୍ଣିମା । ପ୍ରକୃତି ରାଣୀ ଫୁଲେ ଫୁଲେ ସଜ୍ଜିତ ହୋଇ ମଳୟର ଧିର ମଧୁର ଆନନ୍ଦମୟ ଶିରି ଶିରି ସମୀରରେ ଦୋଲାୟିତ ଥିବାବେଳେ ପରମ ପୁରୁଷ ଜଗବନ୍ଧୁ ଜଗନ୍ନାଥ ଶ୍ରୀମନ୍ଦିରରେ ପାଳନ କରନ୍ତି ଦୋଳୋତ୍ସବ ବା ଦୋଳଯାତ୍ରା । ଶାସ୍ତ୍ରରେ କଥିତ ଅଛି, 'ଦୋଳାୟା ଦୋଳ ଗୋବିନ୍ଦ ଚାପେ ତୁ ମଧୁସୂଦନଃ ରଥେତୁ ବାମନଂ ଦୃଷ୍ଟା ପୁର୍ନଜନ୍ମ ନ ବିଦ୍ୟତେ' । ଅର୍ଥାତ୍, ଦୋଳରେ ଦୋଳ ଗୋବିନ୍ଦ ଚନ୍ଦନ ଯାତ୍ରାରେ ନାବ ପରେ ମଧୁସୂଦନ ଓ ରଥଯାତ୍ରାରେ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହକୁ ଦର୍ଶନ କଲେ ମନୁଷ୍ୟ ଜନ୍ମ ମରଣ ଚକ୍ରରୁ ଉଦ୍ଧାର ପାଇ ମୋକ୍ଷ ଲାଭ କରେ । ତାର ଆଉ ପୁନଃଜନ୍ମ ନ ହୋଇ ବ୍ରହ୍ମାନନ୍ଦରେ ଲୀନ ହୋଇଯାଏ ।

ଶ୍ରୀ ମନ୍ଦିରର ଦୋଳୋତ୍ସବ ପ୍ରକୃତରେ ଆରମ୍ଭ ହୁଏ ଫାଲଗୁନ ଶୁକ୍ଳଦଶମୀ ଦିନଠାରୁ । ଏହିଦିନ ଶ୍ରୀ ଜିଉଙ୍କର ଚାଚେରୀ ବେଶ ହୁଏ ଓ ଫଗୁଲାଗି ହୁଅନ୍ତି । ତାଙ୍କ ପ୍ରତିନିଧି ଦୋଳଗୋବିନ୍ଦ ଲକ୍ଷ୍ମୀ ସରସ୍ୱତୀଙ୍କ ସହ ଜଗନ୍ନାଥ ବଲ୍ଲଭକୁ ଯାତ୍ରା କରନ୍ତି ଓ ସେଠାରେ ଯଉ ତାବ ଖେଳ ହୁଏ । ସବୁଦେବୀ ଦେବତାଙ୍କୁ ଫଗୁ ଲାଗି କରାଯାଏ । ଏହାପରେ ପୁର୍ଣ୍ଣିମା ଦିନ ପର୍ଯ୍ୟନ୍ତ ଦୋଳୋତ୍ସବ ଲାଗିରହେ । ପୂର୍ଣ୍ଣିମାର ପୂର୍ବ ଦିନ ପାଳିତ ହୁଏ ରାଜାଗ୍ନି ଉତ୍ସବ ବା ମେଣ୍ଢା ପୋଡି ଉତ୍ସବ । ଶ୍ରୀ ମନ୍ଦିରର ଠାକୁର ଠାକୁରାଣୀଙ୍କର ଚାଚେରୀ ଭୋଗ ଓ ଫଗୁଖେଳ ପରେ ଦୋଳବେଦୀକୁ ଯାତ୍ରା ଅନୁଷ୍ଠିତ ହୁଏ । ରାତିରେ ଦେବାଦେବୀଙ୍କର ମିଳନ କରାଯାଏ । ଓଡିଶାର ପୁରପଲ୍ଲୀରେ ଶ୍ରୀ ମନ୍ଦିରର ଅନୁସରଣରେ ଦଶମୀ ଦିନ ଠାରୁ ଦୋଳ ଗୋବିନ୍ଦଙ୍କୁ ବିଜେ କରାଇ ପ୍ରତିଦିନ ଘରକୁ ଘର ବାଦ୍ୟ ସଂକୀର୍ତ୍ତନ୍ୟ ସହ ବୁଲାଇ ଚାଚେରୀ ଭୋଗ ଲାଗି କରାଯାଏ ଓ ରାତିରେ ମେଳଣ ପଡିଆରେ ଅନେକ ଗ୍ରାମର ଦେବାଦେବୀଙ୍କୁ ପଟୁଆରରେ ନେଇ ହରିହର ମେଳଣ ଉତ୍ସବ ଅନୁଷ୍ଠିତ ହୁଏ । ଦୋକାନ ବଜାର ବସେ ସଂକୀର୍ତ୍ତନ୍ୟ ସହ ନାନା ବିଧ ବାଦ୍ୟ ନାଚ ଓ ନାଟକରେ ପଡିଆ ପୁରିଉଠେ । ଯାଜପୁରର ବରାହ ଦୋଳ, ଓକ କଣାର ହରିହର ମେଳଣ, ଅଚ୍ୟୁତ ଧାମ ନେମଳ ବଟ ପଦ୍ମବନ ପୀଠ ଓ ସୋନପୁରର ଘୋଡାଘାଟ ଗ୍ରାମର ମେଳଣ ଓଡିଶାରେ ପ୍ରସିଦ୍ଧି ଲାଭ କରିଅଛି । ପୂର୍ଣ୍ଣିମା ଦିନ ଜଗନ୍ନାଥଙ୍କର ରାଜବେଶ ହୁଏ । ଏ ଦିନ ଗ୍ରହ ବିପ୍ରମାନଙ୍କର ନୂତନ ପଞ୍ଜିକା ପଠନ ଓ ପୂଜନ ହୋଇଥାଏ । ଏ ଦିନ ଶ୍ରୀ ଚୈତନ୍ୟଙ୍କର ଜନ୍ମଦିନ ପଡିଥିବାରୁ ଷଡଭୁଜ ଗୌରଙ୍ଗ ପୂଜାସହ ଶ୍ରୀ ଚୈତନ୍ୟ ଜନ୍ମ ମହୋତ୍ସବ ମଧ ପାଳିତ ହୋଇଥାଏ । ପୂର୍ଣ୍ଣିମାର ପରଦିନ ଶ୍ରୀ ମନ୍ଦିରରେ ଫଗୁ ହୋରୀ ଉତ୍ସବ ଓ ଚନ୍ଦନ ଅନୁକୂଳ ଉତ୍ସବ କରାଯାଏ । ଏହିଦିନ ଓଡିଶା କାହିଁକି ଭାରତର ସର୍ବତ୍ର ରଙ୍ଗଖେଳ ହୋଇ ହୋରୀ ଉତ୍ସବ ପାଳିତ ହୁଏ । ଗୁଜୁରାତ, ରାଜସ୍ଥାନ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଆଦି ଅନେକ ରାଜ୍ୟରେ ଶ୍ରୀ ରାଧାକୃଷ୍ଣଙ୍କ ର ପୂଜନ ସହ ଦାଣ୍ଡିଆ ନାଚ, ରଙ୍ଗଖେଳ, ଦଧିଭାଣ୍ଡ ଭଞ୍ଜନ ଆଦି ଉତ୍ସବ ଆବାଳ ବୃଦ୍ଧ ବନିତାଙ୍କର ମହୋଲ୍ଲାସରେ ପରିପାଳିତ ହୋଇଥାଏ । ପରଂବ୍ରହ୍ମ ଜଗନ୍ନାଥ ଅବତାରୀ । ତାଙ୍କଠାରୁ ସକଳ ଅବତାରଙ୍କର ସୃଷ୍ଟି । ଏଣୁ ତାଙ୍କ ଶ୍ରୀ ମନ୍ଦିରରେ ରାମ, କୃଷ୍ଣ, ନୃସିଂହ, ବାମନ ଇତ୍ୟାଦି ସବୁ ଅବତାରଙ୍କ ଉତ୍ସବ ପାଳିତ ହୋଇଥାଏ । ପ୍ରଭୂ ଲୀଳାମୟ ଏଣୁ ସବୁ ଅବତାରଙ୍କ ଲୀଳା, ପର୍ବ ପର୍ବାଣି ଏପରିକି ଶ୍ରୀ ଚୈତନ୍ୟ ହରିଦାସ ଆଦି ମହାନ ଭକ୍ତଙ୍କର ଜୟନ୍ତୀ ମଧ ପାଳିତ ହୋଇଥାଏ । ଦୋଳୋତ୍ସବ ମୁଖ୍ୟତଃ ଶ୍ରୀକୃଷ୍ଣ ଅବତାରର ଲୀଳା । ପ୍ରଭୁ ଶ୍ରୀକୃଷ୍ଣ ପ୍ରେମମାର୍ଗୀ ଭକ୍ତ ଭକ୍ତ ଗୋପଳ ଓ ଗୋପୀଙ୍କ ସହ କରିଥିବା ଉତ୍ସବ ସମ୍ଭବତଃ, ଶ୍ରୀ ଚୈତନ୍ୟଙ୍କ ଆଗମନ ଓ ଗଜପତି ପ୍ରତାପ ରୁଦ୍ରଦେବଙ୍କ ତାଙ୍କ ଧର୍ମରେ ଦୀକ୍ଷିତ ହେବାପରେ ଉତ୍କଳରେ ଯେଉଁ ରାଧାକୃଷ୍ଣ ଭକ୍ତିର ଜୁଆର ଉଠିଥିଲା ତାର ପ୍ରତିଫଳନ ହେଉଛି ଶ୍ରୀ ମନ୍ଦିର ତଥା ଉତ୍କଳରେ ଦୋଳୋତ୍ସବର ପରିପାଳନ । ଜାତି, ଧର୍ମ, ବର୍ଣ୍ଣ, ରାଜା ପ୍ରଜା ଧନୀ ଦରିଦ୍ର ନିର୍ବିଶେଷରେ ହିଂସା ଦ୍ୱେଷ ତେଜି ଏକମନ ଏକପ୍ରାଣରେ ପରସ୍ପରକୁ ରଙ୍ଗାୟୀତ କରି ଅଭିନ୍ନ ପ୍ରାଣମୟ ଏକତ୍ୱରେ ପରମାନନ୍ଦ ଲାଭକରିବା ଓ କୃଷ୍ଣପ୍ରେମରେ ମଜ୍ଜି ଯିବା ଏହାର ଉଦ୍ଦେଶ୍ୟ । ସକଳ ଘଟେ ନାରାୟଣ । ଏହାର ମୂଳମନ୍ତ୍ର

ଗୋ,ଗୋପୀଜନ ମାନଙ୍କୁ ପରମାନନ୍ଦ ପ୍ରଦାନ କରିବା ପାଇଁ ଭଗବାନ ଶ୍ରୀ କୃଷ୍ଣ ଏହି ଲୀଳାର ସୃଷ୍ଟି କରିଥିଲେ । ପ୍ରେମ ମାର୍ଗ ଗୋପିନୀ ଗଣ ରାଧାକୃଷ୍ଣଙ୍କୁ କୁଞ୍ଜବନରେ ହୋଲାଇଥିଲେ ଏବଂ ଶ୍ରୀକୃଷ୍ଣ ତାଙ୍କ ଉପରେ ଅବିର ବିଞ୍ଚି ଥିଲେ । ଗୋପାଳ ଗଣ କୃଷ୍ଣଙ୍କୁ ଚଉଦୋଳରେ ବସାଇ ନାଚଗୀତ କରି ଘରକୁ ଘର ବୁଲାଇ ରଙ୍ଗିପିଚିକାରି ଖେଳିଥିଲେ । ବୃନ୍ଦାବନର ରାସସ୍ଥଳୀ ଓ ଗୋପୀଗୋପଙ୍କଙ୍କ ଠାରେ ଏହି ଉତ୍ସବର ଶଙ୍ଖୁ ରହିଥିଲେ ସୁଦ୍ଧା ଅନ୍ୟ ଏକ ଆଖ୍ୟାୟିକା ମଧ ଅଛି । କଂସାସୁରର ନିର୍ଦ୍ଦେଶରେ ଅଘାସୁର ନାମକ ଏକ ଦୈତ୍ୟ ବିରାଟ ଅଜଗର ରୂପଧରି ବନ ମଧରେ ଶ୍ରୀକୃଷ୍ଣ ତଥା ଗୋପବାଳକ ମାନଙ୍କୁ ଗିଳି ପକାଇଲା । ଭଗବାନ ଶ୍ରୀକୃଷ୍ଣ ସର୍ପଗର୍ଭରେ ଥାଇ ତାଲୁକାରୁ ଅଗ୍ନିଜତ କରନ୍ତେ ଅଘାସୁର ଯନ୍ତ୍ରଣାରେ ଛଟପଟ ହୋଇ ସମସ୍ତଙ୍କୁ ଉଦଗାରି ପକାଇଲା । ସମସ୍ତେ ଅକ୍ଷତ ଅବସ୍ଥାରେ ରକ୍ଷାପାଇଲେ କିନ୍ତୁ ବ୍ରହ୍ମାଗ୍ନିରେ ଜଳୁଥିବା ଅଘାସୁର ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ଜାଣି କାତର ଭାବରେ ପ୍ରାର୍ଥନା କଲା, 'ପ୍ରଭୁ ମୁଁ ମହାପାପୀ ହେଲେହେଁ ଆପଣଙ୍କ ସଂସ୍ପର୍ଶରେ ପବିତ୍ର ହୋଇଅଛି । ଏଣୁ ମୋ ଜଳିଥିବା ଦେହର ପାଉଁଶକୁ କେହି ଘୃଣା ନକରୁ ଶ୍ରୀକୃଷ୍ଣ କହିଲେ 'ତଥାସ୍ତୁ ! ତୋ ଶରୀରର ପାଉଁଶ ଲାଲ ରଙ୍ଗର ହେବ ଏବଂ ଫଗୁଣରେ ସୃଷ୍ଟି ହେତୁ ଲୋକେ ଏହାକୁ ଫଗୁ ବୋଲି କହିବେ । ଏହାର ଅନ୍ୟନାମ ଅବିର ହୋଇ ଦେବାଦେବୀଙ୍କର ଗ୍ରାହ୍ୟ ହେବ । ଏହି ଫାଲଗୁନ ଦଶମୀରେ ଯିଏ ଏହାକୁ ମୋତେ ଅର୍ପଣ କରିବ ତାର ରୋଗ ଶୋକ ଦୂର ହୋଇ ଅନନ୍ଦମୟ ଜୀବନ ପ୍ରାପ୍ତି ହେବ । ଏହାପରେ ଶ୍ରୀକୃଷ୍ଣ ବ୍ରହ୍ମାଗ୍ନିରେ ଦଗ୍ଧଭୁତ ଅଘାସୁରର ଶରୀରର ନାଲିପାଉଁଶ (ଫଗୁ) କୁ ନିଜଦେହରେ ବୋଳିହେଲେ ଓ ସଙ୍ଗୀ ବାଳକଙ୍କ ଦେହରେ ବୋଳିଦେଲେ । ସର୍ପ କବଳରୁ ରକ୍ଷାପାଇଥିବାରୁ ଗୋପଳ ବାଳକ ଗଣ ଶ୍ରୀକୃଷ୍ଣଙ୍କୁ ଚଉଦୋଳରେ ବସାଇ ନାଚକୀର୍ତ୍ତନ୍ୟ ସହ ଗୋପନଗ୍ରର ଘରକୁ ଘର ବୁଲାଇଥିଲେ । କୃଷ୍ଣଙ୍କୁ ପ୍ରତିଘରେ ବନ୍ଦାପନାକରି ଚାଚେରୀ ଭୋଗ ଅର୍ପଣ କରାଯାଇଥିଲା । ଗୋପ ବାଳକ ଗଣ ଭୋଗ ଖାଇ ଖାଇ ସମସ୍ତଙ୍କୁ ଫଗୁ ଅର୍ପଣ କରିଥିଲେ । ଏହା ଦେଖି ଗୋପିକା ଗଣ ରଙ୍ଗପିଚିକାରୀ ଧରି ହୋରି ଖେଳିଥିଲେ । ଏହି ସ୍ମୃତିରେ ଏବେବି ଗୋପବୃନ୍ଦାବନରେ ଗ୍ରାମ ମାନଙ୍କରେ ଅତ୍ୟନ୍ତ ଜାକ ଜମକରେ 'ଲଠ୍ଠା ମାର୍' ଓ ରଙ୍ଗ ହୋରୀ ଖେଳ ହୋଇଥାଏ ।




ପଶ୍ଚିମ ଓଡିଶାରେ ଉତ୍କଳ ଖଣ୍ଡପରି ରୀତି ନୀତିରେ ରାଧାକୃଷ୍ଣ, ଓ ଜଗନ୍ନାଥ ମନ୍ଦିରରେ ଦୋଳୋତ୍ସବ ପାଳିତ ହେଉଥିଲେ ସୁଦ୍ଧା ସର୍ବସାଧାରଣରେ କିଛି ନିଆରା ଢଙ୍ଗରେ ଏ ଉତ୍ସବ ପାଳିତ ହୋଇଥାଏ । ଫାଲଗୁନ ପୂର୍ଣ୍ଣିମାର ପୂର୍ବଦିନ 'ହୁଇଲିପୁଡା' ହୋଇଥାଏ । ହିରଣ୍ୟ କଶିପୁ ନିଜପୁତ୍ର ପ୍ରହଲ୍ଲାଦକୁ କପଟରେ ପୋଡି ମାରିବାକୁ ତାର ଦୂର ସଂପର୍କୀୟା ହୋଲିକାର ସାହଯ୍ୟ ନେଇଥିଲା । ହୋଲିକା ଅଗ୍ନିରେ ପୋଡିବ ନାହିଁ ବୋଲି ବରପ୍ରାପ୍ତ ହୋଇଥିଲା । ସେ ବାଳକ ପ୍ରହଲ୍ଲାଦକୁ କୋଳରେ ଧରି ଚିତା ଉପରେ ବସିଥିଲା । ଚିତାରେ ଅଗ୍ନି ଲଗାଗଲା ହରିନାମ ଜପ କରୁଥିବା ପ୍ରହଲ୍ଲାଦ କୁ ନପୋଡି ବୈଷ୍ଣବାଗ୍ନି ହୋଲିକାକୁ ପୋଡି ପାଉଁଶ କରିଦେଇଥିଲା । ହୋଲିକା ମଲା କିନ୍ତୁ ଅକ୍ଷତ ହୋଇ ପ୍ରହଲ୍ଲାଦ ବାହାରି ଆସିଲେ । ଏହି ସ୍ମୃତିକୁ ଜାଗ୍ରତ କରି ପିଲା ବୁଢା ଯୁବକ ହୁଡିକୁଦି (ହୋଲିକାକୁ ଗାଲିଦେଇ) ଗାଁ ପଡିଆରେ କାଠ ପତ୍ର ନଡାଦି ଜମାକରି ମନ୍ଦିର ଆକାରରେ ସଜାନ୍ତି । ଶୀର୍ଷରେ ଏକ ପତାକା ଦିଆଯାଇଥାଏ । ସନ୍ଧ୍ୟା ବେଳେ ଝାଙ୍କର (ଜନଜାତି ଦେବୀ ପୂଜକ) ଆସି ପୂଜାକରେ । ସର୍ବପ୍ରଥମେ 'ହୁମାଦୁମା'ବୋଲି କ୍ଷୀର ଚାଉଳରେ ଦୁଇପୁଞ୍ଜୀକରି ଗ୍ରାମଦେବୀଙ୍କ ପାଇଁ ଅନ୍ୟ ଏକ ପୁଞ୍ଜି ବସାଏ । ସେହି ପୁଞ୍ଜୀ ମାନଙ୍କରେ ସିନ୍ଦୁର, ଧୂପ, ଦୀପ ଓ ନୈବଦ୍ୟ ଦେଇ ପୂଜାକଲା ଉତ୍ତାରେ କାଠ ଗଦାରେ ନିଆଁ ଲଗାଇ ଦିଏ । ଅଗ୍ନି ମଧକୁ ତିନୋଟି ଅଣ୍ଡା ପିଙ୍ଗିଦେଇ ହୁ ହୁ ହୋଇ ନିଆଁ ଜଳୁଥିବା ବେଳେ ଏକ ଜୀବନ୍ତ କୁକୁଡ଼ା ଚିଆଁକୁ ତା ମଧକୁ ନିକ୍ଷେପ କରେ । 'ହୁମାଦୁମା'ର ଅର୍ଥ ମହାଦେବୀ ଓ ମହାଦେବ । ତା ଆରଦିନ ହୋଲିପୂର୍ଣ୍ଣିମାରେ ସମସ୍ତେ ହୁଇଲିପୂତ ପାଉଁଶକୁ ଆଣି ମାଖନ୍ତି ଓ କିଛି କିଛି ସାଇତି ରଖନ୍ତି । ଏହି ପାଉଁଶ ଲଗାଇଲେ ଅଶୁଭ ନଷ୍ଟ ହୁଏ ଓ ଖସୁ ଖୁଜୁରୀ ଆଦି ଚର୍ମରୋଗରୁ ରକ୍ଷାମିଳେ ବୋଲି ବିଶ୍ୱାସ ଅଛି । ପଶ୍ଚିମ ଓଡିଶାରେ ଫାଲଗୁନ ପୂର୍ଣ୍ଣିମା ଦିନ ଘରେ ଘରେ ଲକ୍ଷ୍ମୀନାରାୟଣ ଓ ଇଷ୍ଟଦେବୀଙ୍କ ପୂଜା ହୁଏ । ଫଗୁ ସହ ଚଣା, ସାକରପଟି, ଛେନା, ଆମ୍ବ କଷି, ମହୁଲ ସ୍ମୃତି (ମହୁଲ ଫୁଲର ପୂର୍ବ ବର୍ଚ୍ଛା) ପଳାଶ ଫୁଲ ଆଦି ଲାଗି କରାଯାଏ । ସମସ୍ତେ ପ୍ରସାଦ ପାଇ ଫଗୁ ଦିଆ ଦେଇ ହୋଇ ଜୁହାର ଭେଟ ହୁଅନ୍ତି । ତା ଆଗ ଦିନ ରଙ୍ଗଖେଳ ହୁଏ । ସମସ୍ତେ ମହା ଅନନ୍ଦରେ ରଙ୍ଗଖେଳି ଥାନ୍ତି । ଏହାକୁ ଦୋଳ ଯାତ୍ରା ନ କହି 'ଗୁଁଡିଖାଇ ତିହାର' ବୋଲି କହିଥାନ୍ତି । କେତେକ ଆଦିବାସୀ ପଲ୍ଲୀରେ ଆମ୍ବ ନୂଆଁଖୁଆ ବୋଲି କହନ୍ତି । ଏହି ଗୁଁଡିଖାଇ ତିହାରକୁ ଲକ୍ଷ୍ୟକଲେ ଜନଜାତି ଧର୍ମଭାବନା ସହ ନାରସିଂହୀ ସଭ୍ୟତାର ସମ୍ମିଶ୍ରଣ ସ୍ପଷ୍ଟ ହୋଇଥାଏ । ରାଧାକୃଷ୍ଣ ଶ୍ଲାଘ୍ୟୀ ଚେତନାର ପ୍ରବାହ ଖୁବ କମ ପରିଦୃଷ୍ଟ ହୁଏ । ସେ ଯାହା ହେଉ ଦୋଳପୂର୍ଣ୍ଣିମା ବା ଗୁଁଡିଖାଇ ତିହାର ଏକ ପବିତ୍ର ତିଥିର ଉତ୍ସବ । ଏହା ପରମାନନ୍ଦସିକ ଏକ ମହାନ ପର୍ବ ଅଟେ । ଈଶ୍ୱରଙ୍କ ପ୍ରତି ସମର୍ପଣ ଭାବ ସହ ଅଶୁଭର ବିନାଶ ଓ ଶୁଭର ଅଭ୍ୟୁଦୟକୁ ଉଦ୍ଭାସିତ କରେ ଏବଂ ମନୁଷ୍ୟର ପାରସ୍ପରିକ ଏକାର୍ତ୍ତି ଜତା ଓ ପ୍ରେମ ତତ୍ତ୍ୱକୁ ଉଜାଗର କରେ ।

**ବରପାଲିପଡ଼ା, ବଲାଙ୍ଗିର**

## ସ୍ୱାସ୍ଥ୍ୟୋପଯୋଗୀ ଷ୍ଟ୍ରବେରୀ

ଷ୍ଟ୍ରବେରୀ ନାଲି ରଙ୍ଗର ଦେଖା ଯାଉଥିବା ଏକ ଜୁସି ଫ୍ରୁଟ୍ ଯାହାକୁ ଖାଇଲେ ଖୁବ୍ ଟେଷ୍ଟି ଲାଗିବା ସହ ଶରୀରକୁ ଅନେକ ଉପକାର ମିଳିଥାଏ । ଯେହେତୁ ଷ୍ଟ୍ରବେରୀରେ ଭିଟାମିନ୍ ସି ରହିଛି । ତେଣୁ ଏହାକୁ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ଅଛି । ତା'ସହିତ ରେସ୍ପିରେଟରୀ ଇନ୍‌ଫେକ୍ସନର ସମ୍ଭାବନାକୁ କମ୍ କରିବାରେ ବି ଏହାର ଯଥେଷ୍ଟ ଭୂମିକା ରହିଛି । ଷ୍ଟ୍ରବେରୀରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଭରି ରହିଥିବାରୁ ଏହାକୁ ଖାଇଲେ ଶରୀରରେ କୋଲେଷ୍ଟ୍ରଲ୍‌ର ପରିମାଣ ନିୟନ୍ତ୍ରଣରେ ରହିଥାଏ । ଯଦ୍ୱାରା ହାର୍ଟ ସୁସ୍ଥ ରହେ । ତା'ସହିତ ଏହା କ୍ୟାନ୍‌ସର୍ ସମସ୍ୟାକୁ ମଧ ଦୂରେଇ ରଖିଥାଏ । ସ୍ମରଣଶକ୍ତିକୁ ତ୍ୱରାନ୍ୱିତ କରିବାରେ ବି ଷ୍ଟ୍ରବେରୀର ବିଶେଷ ଭୂମିକା ରହିଛି । ସେହିପରି ଷ୍ଟ୍ରବେରୀରେ ଫାଇବର୍ ଥିବାରୁ, ଏହାକୁ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ବି ଅନେକାଂଶରେ ମୁକ୍ତି ମିଳିଥାଏ । ତା'ସହିତ ପାଚନ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାରେ ବି ଏହା ଅନେକ ଉପକାର ଦେଇଥାଏ ।



## ଆଜିର ଚିନ୍ତନ

ଏକାନ୍ତରେ ବସିବା, ସମୟ ବିତାଇବା, ତାହାକୁ ଅନୁଭବ କରିବାର ନିଜସ୍ୱ ଏକ ଆନନ୍ଦ ରହିଛି । ଏକାନ୍ତ ଓ ସେଥିରୁ ଉତ୍ପନ୍ନ ଶାନ୍ତି ଶାରୀରିକ, ମାନସିକ ଓ ଭାବନାତ୍ମକ ସ୍ୱାସ୍ଥ୍ୟ ନିମନ୍ତେ ମଲମର କାମ କରିଥାଏ । ଯେତେବେଳେ କି ଅତ୍ୟଧିକ ପାଟିତୁଣ୍ଡ ରକ୍ତରେ କୋଲେଷ୍ଟ୍ରଲର ସ୍ତରକୁ ବଢାଇ ଦିଏ । ଏହି କାରଣରୁ ଉଚ୍ଚ ରକ୍ତଚାପ ହୋଇପାରେ ଏବଂ ବ୍ୟକ୍ତି ହୃଦ୍‌ରୋଗର ଶିକାର ହୋଇପାରେ । ଯଦି ଆମେ ଏକାନ୍ତର ଲାଭ ଉଠାଇବାର ସଠିକ୍ କୌଶଳ ଜାଣିଯିବା ତ ହୋହଲ୍ଲା ଯୋଗୁଁ ହେଉଥିବା କ୍ଷତିଗୁଡିକୁ ହ୍ରାସ କରାଯାଇ ପାରିବ । ପ୍ରାୟ ଲୋକ ଏକାନ୍ତକୁ ଭୟ କରିବାର ଅଭିଯୋଗ କରନ୍ତି । ସେମାନେ ଏକାନ୍ତ ହୋଇଗଲେ ନିର୍ଜନ ସ୍ଥିତିରେ ରହିବା କାରଣରୁ ଘାବରେଇ ଯାଆନ୍ତି । ସେଥିପାଇଁ ନିର୍ଜନତାରୁ ବାହାରି ଆସି ଏକାନ୍ତରେ ପ୍ରବେଶର ଚେଷ୍ଟା କରିବା ଦରକାର । ତାହାକୁ ଡରିଯିବା, ଘାବରେଇବା ଅନୁଚିତ, ବରଂ ପ୍ରତିକ୍ଷଣ ନିଜ ଭିତରେ ଏକାନ୍ତ ଖୋଜିବାର ସାମର୍ଥ୍ୟ ଉତ୍ପନ୍ନ କରିବା ଆବଶ୍ୟକ ।

ଗହଳି ମଧରେ ବି ଆମେ ଏକାନ୍ତକୁ ଅନୁଭବ କରିବା ସମ୍ଭବ । ସକାଳୁ ସକାଳୁ ଅଧିକ ଏକାନ୍ତ ମିଳେ ; କାରଣ ତାହା ପରେ କୋଲେଷ୍ଟ୍ରଲର ପରିମାଣ ବଢିଯାଏ । ଟି.ଭି. ଦେଖିବା ବା ଖବରକାଗଜ ପଢିବା ପରିବର୍ତ୍ତେ କିଛି ସମୟ ଚୁପ୍‌ଚାପ୍ ବସିବା ଉଚିତ । ସକାଳର ଅଧା ଘଣ୍ଟା ସମୟ ନିଜକୁ ଦେବା ଦରକାର । ପ୍ରକୃତିର ସଙ୍ଗତି ହିଁ ଏକାନ୍ତ ଅଟେ, ଯାହାର ପୂରା ଆନନ୍ଦ ନେବା, ଅନୁଭବ କରିବା ଉଚିତ । ନିଜ ବଗିଚାର ଦେଖାରେଖା କରିବା ଆବଶ୍ୟକ । ନିଜେ ହିଁ ତାହାର ମାଳୀ ହେବା ଦରକାର, ଯଦ୍ୱାରା ଏତେ ମାନସିକ ଶାନ୍ତି ଅନୁଭବ ହେବ ଯେ ଉଚ୍ଚ ରକ୍ତଚାପ ହେଉ କି କୋଲେଷ୍ଟ୍ରଲର ସ୍ତର ବଢିବା ହେଉ, ସବୁ ଶାନ୍ତ ହୋଇଯିବ । ବଗିଚା କାମରେ ବି ଫାଇଦା ଅଛି । ଏକରେ ବଗିଚା କାମ ଆମକୁ ପ୍ରକୃତିର ନିକଟରେ ରଖେ ଓ ଯେବେ ଆମେ ପ୍ରକୃତିର ନିକଟରେ ରହିଥାଉ ତ ସେହି କ୍ଷଣ ଏକାନ୍ତରେ ବିତାଇବାର ସମୟ ହୋଇଥାଏ । ଏହାଦ୍ୱାରା ଆବେଶ ଓ ମାନସିକ ଚାପର ସ୍ତର କମ୍ ହୋଇଥାଏ । ଏଥିପାଇଁ ଆଖି ବନ୍ଦ କରି ଯାହା ଭଲ ଲାଗିବ, ସେହି ବିଷୟରେ ମନେ ମନେ ଭାବିବା ଦରକାର, ଦିନ ଯାକର କାମ ଉପରେ ମନନ କରିବା ଉଚିତ । ଏହା ଫଳରେ କ୍ଲାନ୍ତି ଦୂର ହେବ ଓ ମନକୁ ଶାନ୍ତି ମିଳିବ ।


ମୋବାଇଲ ଫୋନ, ଇଣ୍ଟରନେଟ୍‌ର ଘଣ୍ଟି ଶବ୍ଦରେ ସାରା ବାତାବରଣ ଗୁଞ୍ଜରିତ ହୋଇଥାଏ । ଏ ପ୍ରକାର ଶବ୍ଦ ଗହଳିର ରୂପ ଧାରଣ କରିନିଏ । ତେଣୁ କେବେ କେବେ ଯେତେବେଳେ ଶୋଇବାକୁ ଯାଉଥିବେ ବା ଶାନ୍ତିରେ ବସିଥିବେ, ତ ଏପରି ସ୍ଥିତିରେ କିଛି ସମୟ ପାଇଁ ଏଭଳି ଉପକରଣଗୁଡିକୁ ବନ୍ଦ କରି କିଛି ଘଣ୍ଟା ଏକଦମ ଶାନ୍ତିପୂର୍ବକ ଭିନ୍ନ ଶୈଳୀରେ ବିତାଇବାର ଚେଷ୍ଟା କରିବା ଉତ୍ତମ ।

ସ୍ୱୀକାର

ବର୍ଷ ୨୮, ସଂଖ୍ୟା - ୧୨, ୨୪ - ୩୦ ମାର୍ଚ୍ଚ ୨୦୨୪

# ନିରପେକ୍ଷ ନିର୍ବାଚନର ବାସ୍ତବତା

ଭାରତ ଭଳି ଏକ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ରାଜନୀତି ଯେଭଳି କଳୁଷିତ ଅବସ୍ଥାକୁ ଗଲାଣି, ତାହା ପ୍ରାୟତଃ ସମସ୍ତଙ୍କୁ ଉଣାଅଧିକେ ଜଣା । ଏ ପରିସ୍ଥିତିରେ ମୁକ୍ତ ଅବାଧ ଓ ନିରପେକ୍ଷ ନିର୍ବାଚନର ବାସ୍ତବତା ନେଇ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ ନୁହେଁ କି ? ଏକ ଜନପ୍ରତିନିଧିମୂଳକ ଶାସନ ବ୍ୟବସ୍ଥାରେ ଜନମତ ହେଉଛି ଶାସନର ମୂଳାଧାର । ଜନମତ ଆଧାରରେ ଜନପ୍ରତିନିଧିମାନେ  ନିର୍ବାଚିତ ହୋଇ ଶାସନ କରିବାର ସାମର୍ଥ୍ୟ ହାସଲ କରିଥାଆନ୍ତି । ଆମ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ମତଦାନ ହେଉଛି ଏକ ରାଜନୈତିକ ଅଧିକାର । ତେଣୁ ଜଣେ ମତଦାତା ଏହି ଅଧିକାର ସାବ୍ୟସ୍ତ କଲାବେଳେ ସଂପୂର୍ଣ୍ଣ ଭାବେ ସ୍ୱଚ୍ଛ, ନିରପେକ୍ଷ ଓ ବିବେକାନୁମୋଦିତ ନୀତି ଅନୁସରଣ କରିବା ଉଚିତ୍ । ନିର୍ବାଚନ ବେଳେ କୌଣସି ପ୍ରକାର ଚାପ ବା ପ୍ରଲୋଭନରେ ବଶବର୍ତ୍ତୀ ହୋଇ ସେ ଯେତେବେଳେ ନିଜ ମତଦାନ ସାବ୍ୟସ୍ତ କରିବ । ସେତେବେଳେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନର ବାସ୍ତବତାକୁ ନେଇ ମନରେ ପ୍ରଶ୍ନଟିଏ ଉଙ୍କିମାରିବା ସ୍ୱାଭାବିକ । ସମ୍ପ୍ରତି ଆମ ଦେଶରେ ଯେଭଳି ବ୍ୟୟବହୁଳ ନିର୍ବାଚନ ଅନୁଷ୍ଠିତ ହେଉଛି ଓ ଜନମତକୁ ପ୍ରଭାବିତ କରାଯିବାର ଉଦ୍ୟମ କରାଯାଉଛି, ତାହା ଆମ ଗଣତନ୍ତ୍ରର ମର୍ଯ୍ୟାଦା ଓ ମୂଲ୍ୟବୋଧ ପ୍ରତି ଯେ ଚରମ କୁଠାରାଘାତ କରୁଛି ଏହା ନିଃସନ୍ଦେହ । ନିର୍ବାଚନରେ ଅର୍ଥବଳ ଓ ବାହୁବଳର ବ୍ୟାପକ ବ୍ୟବହାର ସହ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଅସାଧୁ ଓ ବେନିୟମ କାର୍ଯ୍ୟ ଯୋଗୁ ସମୁଦାୟ ନିର୍ବାଚନ ପ୍ରକ୍ରିୟା ପ୍ରଭାବିତ ହେଉଛି, ଏକ ସ୍ୱଚ୍ଛ ଓ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ପ୍ରତି ବିପଦ ସୃଷ୍ଟି କରୁଛି । ନିକଟରେ ଚଣ୍ଡିଗଡ଼ ମେୟର ନିର୍ବାଚନକୁ ନେଇ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ନିର୍ବାଚନ ପରିଚାଳନା ଅଧିକାରୀଙ୍କ ଦାୟିତ୍ୱବଦ୍ଧତା, ସଚ୍ଚୋଟପଣିଆ ଏବଂ ନିରପେକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ନିର୍ବାଚନରେ ଜଣେ ବିଜୟୀ ପ୍ରାର୍ଥୀଙ୍କୁ ଜାଣିଶୁଣି କିଭଳି ପରାଜିତ ଘୋଷଣା କରାଯାଇଥିଲା ତାହା ନଜରକୁ ଆସିଛି । ନିର୍ବାଚନ ଅଧିକାରୀଙ୍କ ଏଭଳି ପକ୍ଷପାତ ନିଷ୍ପତ୍ତିକୁ ନେଇ ପରାଜିତ ପ୍ରାର୍ଥୀ ଜଣଙ୍କ ପ୍ରଥମେ ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ତେବେ ସେଠାରୁ କୌଣସି ଆଶ୍ୱସ୍ତି ନ ମିଳିବାରୁ ସେ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ଅଧକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ନିର୍ବାଚନରେ ହୋଇଥିବା ମତଦାନ କାଗଜକୁ ପୁନଃ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେଥିରୁ ଜଣାପଡ଼ିଲା ଯେ, ନିର୍ବାଚନ ଅଧିକାରୀ ଜଣଙ୍କ ପରାଜିତ ଘୋଷିତ ପ୍ରାର୍ଥୀଙ୍କର ୮ଟି ବୈଧ ଭୋଟ କାଗଜକୁ ନାକଚ କରିବା ସହିତ ତା' ଉପରେ ଛକିଚିହ୍ନ ମାରି ଦେଇଥିଲେ । ଅଧିକାରୀ ଜଣଙ୍କ ଜାଣିଶୁଣି ଏଭଳି କରିଥିବା ସର୍ବୋଚ୍ଚ ନ୍ୟାୟାଳୟ ନିଜ ରାୟରେ ଦର୍ଶାଇବା ସହ ସମ୍ପୃକ୍ତ ଅଧିକାରୀଙ୍କୁ ଭର୍ତ୍ସନା କରିଛନ୍ତି । ଅନ୍ୟପକ୍ଷେ ପରାଜିତ ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରିଛନ୍ତି । ଅଧିକାରୀ ଜଣଙ୍କ ଅଦାଲତଙ୍କୁ ଏ ସଂପର୍କିତ ଭୁଲ ତଥ୍ୟ ପ୍ରଦାନ କରିଥିବାରୁ ତାଙ୍କୁ କାରଣ  ଦର୍ଶାଅ ନୋଟିସ ବି ଜାରି କରାଯାଇଛି । ନିର୍ବାଚନ ପରିଚାଳନା ବ୍ୟବସ୍ଥାରେ ଏଭଳି ବେଆଇନ ଓ ଅନିୟମିତତାକୁ ସୁଯୋଗ ଦିଆଗଲେ ତାହା ଆମ ରାଷ୍ଟ୍ରର ସମୁଦାୟ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ଓ ମୂଲ୍ୟବୋଧ ସମ୍ପନ୍ନ ନୀତି ସମୂହ ପାଇଁ ବିଧ୍ୱଂସୀ ସାବ୍ୟସ୍ତ ହେବ ବୋଲି ସର୍ବୋଚ୍ଚ ନ୍ୟାୟାୟାଳୟଙ୍କ ପୀଠ ପ୍ରକାଶ କରିଛନ୍ତି । ଚଣ୍ଡିଗଡର ଏହି ଘଟଣାରୁ ନିର୍ବାଚନ ପରିଚାଳନା କ୍ଷେତ୍ରରେ ନିୟୋଜିତ କିଛି ଅଧିକାରୀଙ୍କ ନୈତିକତା ଓ ନିରପେକ୍ଷ ଦାୟିତ୍ୱ ସମ୍ପନ୍ନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହା ବ୍ୟତୀତ ବର୍ତ୍ତମାନ ସମୟରେ ନିର୍ବାଚନରେ ଅର୍ଥବଳ ଓ ବାହୁବଳର ପ୍ରାଧାନ୍ୟ ଧୀରେ ଧୀରେ ବ୍ୟାପକ ହେବାରେ ଲାଗିଛି । ନିର୍ବାଚନରେ ଯେଉଁ ପ୍ରାର୍ଥୀ ଯେତେ ଅର୍ଥ ଖର୍ଚ୍ଚ କରିପାରିବ ଜନମତକୁ ସେ ସେତେ ମାତ୍ରାରେ ପ୍ରଭାବିତ କରିପାରିବ । ଏହି ଅର୍ଥ କେବେ ସିଧାସଳଖ ଭୋଟରଙ୍କ ପାଖକୁ ଯାଉଛି ତ କେବେ ବିଭିନ୍ନ ମାଗଣା ଯୋଜନା ଓ ଉପହାର ମାଧ୍ୟମରେ ଯାଉଛି । ସମ୍ପ୍ରତି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସାଧାରଣ ସରପଞ୍ଚ ପ୍ରାର୍ଥୀଟିଏ ଯଦି ଅଧକୋଟିଏ ଟଙ୍କା ଖର୍ଚ୍ଚ କରିପାରୁଛି, ତେବେ ବିଧାୟକ ଓ ସାଂସଦ ପ୍ରାର୍ଥୀଟିଏ କେତେ ଟଙ୍କା ଖର୍ଚ୍ଚ କରୁଥିବେ ତାହା ସମସ୍ତେ ଅନୁମାନ କରି ପାରୁଥିବେ । ସେହିପରି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରଭାବଶାଳୀ ଓ ବାହୁବଳୀ ନେତାଏ ନିର୍ବାଚନରେ ବିଭିନ୍ନ ଅସାଧୁ ଉପାୟ ଅବଲମ୍ବନ କରିବା ସହ ହିଂସାତ୍ମକ ପନ୍ଥା ଅବଲମ୍ବନ କରୁଛନ୍ତି । ଭୋଟରଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଦିଆଯାଇ ଭୟଭୀତ କରାଯିବା,ସରକାରୀ ଯୋଜନାରୁ ନାଁ କାଟିଦେବାର ଭୟ ଦେଖାଯିବା ଏବଂ ବୁଥ୍ ଜବରଦଖଲ ଭଳି ବେଆଇନ କାର୍ଯ୍ୟ କରାଯାଉଛି । ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ଶାସନରେ ଥିବା ଦଳ ନିର୍ବାଚନରେ ଜନମତକୁ ପ୍ରଭାବିତ କରିବାକୁ ପ୍ରଶାସନିକ କଳକୁ ନିୟୋଜିତ କରିବା ଘଟଣା । ଏ ପରିସ୍ଥିତିରେ ମୁକ୍ତା ଅବାଧ ଓ ନିରପେକ୍ଷ ନିର୍ବାଚନର ଆଶା କରିବା ବୃଥା ନୁହେଁ କି ? ଆଉ ମାତ୍ର କିଛି ଦିନର ବ୍ୟବଧାନ ପରେ ଦେଶରେ ସାଧାରଣ ନିର୍ବାଚନ ସହ କିଛି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଇତି ମଧ୍ୟରେ ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଅଧିକାରୀ ମାନେ ବିଭିନ୍ନ ରାଜ୍ୟ ଗସ୍ତ କରି ନିର୍ବାଚନୀ ପ୍ରସ୍ତୁତି ସମ୍ପର୍କରେ ତଦାରଖ, ସମୀକ୍ଷା ଓ ଆଲୋଚନା କରିବା ସହିତ ସମୁଦାୟ ପ୍ରକ୍ରିୟା ନିରପେକ୍ଷ ଏବଂ ଦାୟିତ୍ୱ ସମ୍ପନ୍ନ ଭାବରେ ପରିଚାଳନା ଉପରେ ଗୁରୁତ୍ୱ ଦେଇଛନ୍ତି । ସେହିପରି ଆଗାମୀ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ଶେଷ କରିବାକୁ ଆୟୋଗ ପକ୍ଷରୁ ବିଭିନ୍ନ ସମ୍ବେଦନଶୀଳ ବୁଥ୍‌ଗୁଡିକ ସମେତ ୭୦% ଭାଗ ବୁଥ୍ ଡ୍ରୋନ କ୍ୟାମେରା ଏବଂ ସିସିଟିଭି କ୍ୟାମେରା ମାଧ୍ୟମରେ ନିର୍ବାଚନ ପ୍ରକ୍ରିୟାକୁ ଆମୂଳଚୂଳ ତଦାରଖ କରିବାର ବ୍ୟବସ୍ଥା କରାଯାଉଛି । ତେବେ ଏସବୁ ସତ୍ତ୍ୱେ ନିର୍ବାଚନର ସୁପରିଚଳନା ନିମନ୍ତେ ଆହୁରି ଅନେକ ସଂସ୍କାରମୂଳକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ଏଥିପାଇଁ ନିର୍ବାଚନ ଆଇନର ପରିବର୍ତ୍ତନ କରାଯିବା ଜରୁରୀ । କୌଣସି ପରିସ୍ଥିତିରେ ଯେପରି ଜନମତ ପ୍ରଭାବିତ ନ ହୁଏ, ସେ ଦିଗରେ ମଧ୍ୟ ବ୍ୟାପକ ସଚେତନତା ସୃଷ୍ଟି ବର୍ତ୍ତମାନର ସମୟ ପାଇଁ ଏକ ଆହ୍ୱାନ ।



# ମୂର୍ତ୍ତିପୂଜାର ସ୍ୱରୂପ

## ମହାତ୍ମା ଗାନ୍ଧୀ


ବସ୍ତୁତଃ, ଆମ କାର୍ଯ୍ୟର ପ୍ରତ୍ୟେକଟି କ୍ଷେତ୍ରରେ ଧର୍ମ ହିଁ ଅନୁସଞ୍ଚାରିତ ହୋଇ ରହିଥିବା ଉଚିତ୍ । ଏଠାରେ ଧର୍ମ କହିଲେ ମୁଁ ଏ ସମ୍ପ୍ରଦାୟ ବା ସେ ସମ୍ପ୍ରଦାୟର କୌଣସି ଧର୍ମକୁ ବୁଝୁନାହିଁ । ଏହା ଏହି ବିଶ୍ୱସଂସାରର ଏକ ଶୃଙ୍ଖଳାବଦ୍ଧ ନୈତିକ ଶାସନରେ ବିଶ୍ୱାସ ରଖିଥାଏ । ଏହାକୁ ଆମେ ଆଖିରେ ଦେଖି ପାରୁନାହୁଁ ବୋଲି ଏହା ଯେ କମ୍ ବାସ୍ତବ, ସେକଥା ଆଦୌ ନୁହେଁ । ଏହି ଧର୍ମ ହିନ୍ଦୁ ଧର୍ମ, ଇସ୍‌ଲାମ, ଖ୍ରୀଷ୍ଟିଆନ ଧର୍ମ ପ୍ରଭୃତିର ସୀମାକୁ ଅତିକ୍ରମ କରି ରହିଛି । ଏହା ସେଗୁଡ଼ିକୁ କଦାପି ସେମାନଙ୍କର ସ୍ଥାନରୁ ବାହାର କରି ଦେଉନାହିଁ । ସେଗୁଡ଼ିକୁ ଏହା ଏକ ସମଞ୍ଜସତା ମଧ୍ୟରେ ଦେଖୁଛି ଓ ସେଗୁଡ଼ିକୁ ବାସ୍ତବତା ପ୍ରଦାନ କରୁଛି । କୋଟି କୋଟି ମନୁଷ୍ୟଙ୍କର ଜୀବନ ହେଉଛି ମୋ'ର ରାଜନୀତି ଏବଂ, ମୋ'ର ସମସ୍ତ ଜୀବନରେ କର୍ମ ଏବଂ ଭଗବାନଙ୍କୁ ଅସ୍ୱୀକାର ନକରି ମୁଁ କଦାପି ନିଜକୁ ସେଥିରୁ ମୁକ୍ତ କରି ଆଣି ପାରିବିନାହିଁ । ମୋ'ର ରାଜନୀତି ହୁଏତ ଏକ ଅନ୍ୟ ମୋଡ଼ ଯେ ନେବ (୧୯୪୭ ଅଗଷ୍ଟ ୧୫ ପରେ, ଯେତେବେଳେ ଭାରତ ସ୍ୱାଧୀନ ହୋଇଯିବ), ସେକଥା ମଧ ବେଶ୍ ସମ୍ଭବ । ମାତ୍ର ପରିସ୍ଥିତି ହିଁ ତାହାର ନିର୍ଦ୍ଧାରଣ କରିବ ।

ମୋ'ର ଧର୍ମକୁ ମୁଁ ମୋ' ଦେଶଠାରୁ ଅଧିକ ପ୍ରିୟ ବୋଲି ବିଚାର କରୁଛି ଏବଂ ତେଣୁ ମୁଁ ହେଉଛି ପ୍ରଥମେ ଜଣେ ହିନ୍ଦୁ ଏବଂ ତା'ପରେ ଯାଇ ଜଣେ ଜାତୀୟତାବାଦୀ ବୋଲି ମୁଁ ଯେତେବେଳେ କହିଥାଏ, ନିଃସନ୍ଦେହ ଭାବରେ ସେହି କଥାଟିର ସତ୍ୟତା ପଛରେ ଏକ ନିର୍ଦ୍ଦିଷ୍ଟ ଯୁକ୍ତିଯୁକ୍ତତା ଥାଏ । ମୁଁ ଯେ ସେହି କାରଣରୁ ସର୍ବୋତ୍ତମ ଜାତୀୟତାବାଦୀ ଜଣେ ବ୍ୟକ୍ତିର ତୁଳନାରେ କମ୍ ଜାତୀୟତାବାଦୀ ହୋଇଯାଏ, ସେକଥା ଆଦୌ ନୁହେଁ । ତାଦ୍ୱାରା ମୁଁ କେବଳ ଏହି କଥାଟିକୁ କହିବାକୁ ଚାହେଁ ଯେ, ମୋ' ଦେଶ ଲାଗି ମୋ'ର ଆଗ୍ରହ ଏବଂ ମୋ' ଧର୍ମପ୍ରତି ମୋ'ର ଆଗ୍ରହ –ଏ ଦୁଇଟି ମଧ୍ୟରେ ଆଦୌ କୌଣସି ଫରକ ନାହିଁ । ଠିକ୍ ସେହିପରି, ଆଉ ସବୁକିଛିଠାରୁ ଏପରିକି ଭାରତବର୍ଷର ମୁକ୍ତିଠାରୁ ମୁଁ ମୋ'ର ମୁକ୍ତିଲାଭକୁ ସର୍ବାଧିକ ମହତ୍ତ୍ୱ ଦେଉଛି ବୋଲି ଯେତେବେଳେ କହେ, ସେତେବେଳେ ତାହାର ଅର୍ଥ ଆଦୌ ନୁହେଁ ଯେ ମୋ'ର ମୁକ୍ତିଲାଭ ସକାଶେ ଭାରତବର୍ଷର ରାଜନୀତିକ ଅଥବା ଅନ୍ୟ କୌଣସି ପ୍ରକାରର ମୁକ୍ତିକୁ ପରିତ୍ୟାଗ କରିବାର ପ୍ରକୃତରେ କୌଣସି ପ୍ରୟୋଜନ ରହିଛି । ମାତ୍ର, ଏହାର ଏକ ସୁନିଶ୍ଚିତ ଅର୍ଥ ହେଉଛି ଯେ, ଏହି ଦୁଇଟି ମଧ୍ୟରେ ପ୍ରକୃତରେ ଆଦୌ କୌଣସି ପାର୍ଥକ୍ୟ ନାହିଁ । ଧର୍ମଦ୍ୱାରା ଜଣେ ମନୁଷ୍ୟର ଜାତୀୟତାର କୌଣସି ପରୀକ୍ଷା ହୁଏନାହିଁ, ଧର୍ମ ହେଉଛି ମନୁଷ୍ୟ ଏବଂ ତା'ର ଭଗବାନଙ୍କ ମଧ୍ୟରେ ରହିଥିବା ଏକ ବ୍ୟକ୍ତିଗତ ବିଷୟ । ସେମାନେ ଯେଉଁ ଧର୍ମାବଲମ୍ବୀ ହୋଇଥାନ୍ତୁ ପଛକେ, ଜାତୀୟତା ଦୃଷ୍ଟିରୁ ସେମାନେ ସର୍ବପ୍ରଥମେ ଭାରତୀୟ, ସର୍ବଶେଷରେ ମଧ ଭାରତୀୟ ।

ମୁଁ ମୂର୍ତ୍ତିପୂଜାରେ ଅବିଶ୍ୱାସ କରେନାହିଁ । ଗୋଟିଏ ମୂର୍ତ୍ତି ମୋ' ଭିତରେ କୌଣସି ଭକ୍ତିଭାବର ଉନ୍ମେଷଣା କରାଏ ନାହିଁ । ମାତ୍ର ମୂର୍ତ୍ତିପୂଜାକୁ ମୁଁ ମନୁଷ୍ୟ ସ୍ୱଭାବର ଏକ ଅଂଶ ବୋଲି ଭାବେ । ଆମେ ପ୍ରତୀକ ପଛରେ ଆକୁଳ ହୋଇ ଧାଇଁବାରେ ଲାଗିଥାଉ । ଅନ୍ୟ ସ୍ଥାନଗୁଡ଼ିକ ଅପେକ୍ଷା ଗୋଟିଏ ଗୀର୍ଜା ଭିତରେ କାହିଁକି ଜଣେ ବ୍ୟକ୍ତିକୁ ଅଧିକ ଶାନ୍ତ ଲାଗିବ ? ପ୍ରତିମାମାନେ ଉପାସନାରେ ସହାୟକଭାବରେ କାର୍ଯ୍ୟ କରନ୍ତି । କୌଣସି ହିନ୍ଦୁ ଗୋଟିଏ ପ୍ରତିମାକୁ ଭଗବାନ ବୋଲି ବିଚାର କରେନାହିଁ । ପ୍ରତିମାପୂଜାକୁ ମୁଁ ଏକ ପାପ ବୋଲି ବିଚାର କରୁନାହିଁ । ଶବ୍ଦ ଦୁଇଟିର ଯେଉଁ ଯଥାର୍ଥ ଅର୍ଥ ରହିଛି ବୋଲି ମୁଁ ଭାବୁଛି, ସେହି ଅନୁସାରେ ମୋତେ ଜଣେ ମୂର୍ତ୍ତିପୂଜକ ଏବଂ ମୂର୍ତ୍ତିଭଞ୍ଜକ ବୋଲି ମଧ କୁହାଯିବ । ମୂର୍ତ୍ତିପୂଜା ପଛରେ ରହିଥିବା ଭାବନାଟିକୁ ମୁଁ ଶ୍ରଦ୍ଧାକରେ । ମନୁଷ୍ୟ ସମାଜର ଉନ୍ନୟନରେ ପ୍ରତିମା ପୂଜାର ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ।... ମୋତେ ଏହି ହିସାବରେ ଜଣେ ମୂର୍ତ୍ତିଭଞ୍ଜକ ବୋଲି ମଧ କୁହାଯିବ ଯେ, ଧର୍ମାନ୍ଧତାର ରୂପ ଗ୍ରହଣ କରି ପୌତ୍ତଳିକତାର ଯେଉଁ ସୂକ୍ଷ୍ମ ପ୍ରକାରଟି କେବଳ ଆପଣାର ଉପାସନାରୀତିଟି ବ୍ୟତୀତ ଅନ୍ୟ ଯାବତୀୟ ଉପାସନାରୀତି ମଧ୍ୟରେ ଆଦୌ କୌଣସି ଗୁଣ ରହିଛି ବୋଲି ଦେଖିବାକୁ ଅସ୍ୱୀକାର କରେ, ମୁଁ ସେହି ପୌତ୍ତଳିକତାକୁ ଭାଙ୍ଗି ପକାଏ । ଯେଉଁ ସାକାର ଏବଂ ସ୍ଥୂଳ ପ୍ରକାରର ଉପାସନା ଭଗବାନଙ୍କୁ ଏକ କ୍ଷୁଦ୍ର ପ୍ରସ୍ତର ମଧ୍ୟରେ କିମ୍ବା ଗୋଟିଏ ସୁବର୍ଣ୍ଣନିର୍ମିତ ପ୍ରତିମା ଭିତରେ ଦେଖୁଥାଏ, ତାହା ତୁଳନାରେ ପୌତ୍ତଳିକତାର ଏହି ଅନ୍ୟ ପ୍ରକାରଟି ଅଧିକ ସୂକ୍ଷ୍ମ ଏବଂ ଅଧିକ କୁଟିଳ ହୋଇଥିବାରୁ ତାହା ପ୍ରକୃତରେ ଅଧିକ ଭୟଙ୍କର ହୋଇ ରହିଥାଏ । ମୁଁ ମୂର୍ତ୍ତିପୂଜାର ସମର୍ଥନ କରେ, ବିରୋଧ ମଧ କରେ । ଯେତେବେଳେ ମୂର୍ତ୍ତିପୂଜା ପୌତ୍ତଳିକତାରେ ପରିଣତ ହୋଇ ତଳକୁ ଖସିଆସେ ଏବଂ ନାନା ମିଛ ବିଶ୍ୱାସ ଏବଂ ସିଦ୍ଧାନ୍ତ ଭିତରେ ବହଳ ହୋଇ ରହିଯାଏ, ସେତେବେଳେ ତାହାକୁ ଏକ ସ୍ଥୂଳ ସାମାଜିକ ପାପ ବୋଲି ଗ୍ରହଣ କରି ତା' ସହିତ ଯୁଦ୍ଧ କରିବା ନିତାନ୍ତ ଆବଶ୍ୟକ ହୋଇଥାଏ । ଅନ୍ୟ ପକ୍ଷରେ, ଆପଣାର ଆଦର୍ଶକୁ ଏକ ମୂର୍ତ୍ତିରୂପର ଆକାରରେ ଦେଖିବା ଅର୍ଥରେ ମୂର୍ତ୍ତିର ପୂଜା କରିବା ତ ମନୁଷ୍ୟର ସ୍ୱଭାବରେ ହିଁ ରହିଛି ଏବଂ ଭକ୍ତିର ସହାୟକରୂପେ ତାହାର ଏକ ମୂଲ୍ୟ ମଧ ରହିଛି । ଏହିପରି ଭାବରେ, ଆମେ ପବିତ୍ର ବା ଶୁଦ୍ଧ ବୋଲି କହୁଥିବ କୌଣସି ପୁସ୍ତକର ଯେତେବେଳେ ସ୍ତୁତିଗାନ କରୁ, ସେତେବେଳେ ଆମେ ଏକ ପ୍ରତିମାକୁ ଉପାସନା କରୁ । ପବିତ୍ରତା ଅଥବା ଶ୍ରଦ୍ଧାର ଭାବନା ନେଇ ଆମେ ଯେତେବେଳେ ଗୋଟିଏ ମନ୍ଦିରକୁ ବା ମସ୍‌ଜିଦ୍‌କୁ ଯାଉ, ସେତେବେଳେ ମଧ ଆମେ ଏକ ପ୍ରତିମାକୁ ଉପାସନା କରୁ । ଏସବୁଥିରେ ଆଦୌ କୌଣସି କ୍ଷତି ରହିଛି ବୋଲି ମୁଁ ଦେଖି ପାରୁନାହିଁ । ବରଂ, ଅନ୍ୟ ପକ୍ଷରେ, ମନୁଷ୍ୟଠାରେ କେବଳ ଏକ ସୀମାଯୁକ୍ତ ବୋଧର ଶକ୍ତି ହିଁ ରହିଥିବାରୁ ସେ ହୁଏତ କଦାପି ଅନ୍ୟପ୍ରକାର ଆଚରଣ କରି ପାରନ୍ତା ନାହିଁ । ଏଣୁ, ବୃକ୍ଷ ପୂଜାରେ ଆଦୌ କୌଣସି ମନ୍ଦ ବା ଅନିଷ୍ଟକାରୀ କଥା ରହିଛି ବୋଲି ଦେଖିବା ପରିବର୍ତ୍ତେ ଏଥରେ ମୁଁ ଏକ ଗଭୀର କାରୁଣିକତା ଏବଂ କାବ୍ୟ ପ୍ରେରଣାଯୁକ୍ତ ସୌନ୍ଦର୍ଯ୍ୟ ନିହିତ ରହିଛି ବୋଲି ଅନୁଭବ କରିଥାଏ । ସମଗ୍ର ଉଦ୍ଭିଦରାଜ୍ୟ ପ୍ରତି ଏହା ଏକ ଯଥାର୍ଥ ଶ୍ରଦ୍ଧାର ପ୍ରତୀକ ହୋଇ ରହିଥାଏ । ସେହି ଉଦ୍ଭିଦରାଜ୍ୟ କେତେ କେତେ ସୌନ୍ଦର୍ଯ୍ୟମୟ ରୂପ ତଥା ଆକାରଗୁଡ଼ିକରେ ଦୃଶ୍ୟପଟ ମାଧ୍ୟମରେ ସତେ ଅବା ସହସ୍ର ଜିହ୍ୱା ହୋଇ ଆମ ଲାଗି ପରମେଶ୍ୱରଙ୍କର ବିଶାଳତା ଏବଂ ଗୌରବର ଘୋଷଣା କରିବାରେ ଲାଗିଥାଏ । ଉପାସକମାନେ ବୃକ୍ଷମାନଙ୍କ ପାଖରେ ଯେଉଁ ମନାସ ଏବଂ ପ୍ରାର୍ଥନାମାନ ନିବେଦନ କରିଥାନ୍ତି, ତାହା ହେଉଛି ଏକାବେଳେକେ ଗୋଟିଏ ଅଲଗା କଥା । ସ୍ୱାର୍ଥସାଧନ ନିମନ୍ତେ ଯେଉଁସବୁ ମନାସ ତଥା ପ୍ରାର୍ଥନାକୁ ଗୀର୍ଜା, ମସ୍‌ଜିଦ୍, ମନ୍ଦିର ଅଥବା ବୃକ୍ଷ କିମ୍ବା ଦେବସ୍ଥାନ ପ୍ରଭୃତିରେ ନିବେଦନ କରାଯାଏ, ସେଗୁଡ଼ିକୁ ଆଦୌ ଉତ୍ସାହିତ କରିବା ଉଚିତ ନୁହେଁ । ସ୍ୱାର୍ଥ ପ୍ରଣୋଦିତ ହୋଇ କିଛି ମାଗିବା ବା ମନାସ କରିବା ସହିତ ମୂର୍ତ୍ତିପୂଜାର ଆଦୌ କୌଣସି କାର୍ଯ୍ୟ-କାରଣ ସମ୍ବନ୍ଧ ନାହିଁ । ଏକ ବ୍ୟକ୍ତିଗତ ସ୍ୱାର୍ଥପ୍ରଣୋଦିତ ପ୍ରାର୍ଥନା, ତାହାକୁ ଏକ ମୂର୍ତ୍ତି ପାଖରେ ଅଥବା ଏକ ଅଦୃଶ୍ୟ ଭଗବାନଙ୍କ ପାଖରେ କରାଯାଉ ପଛକେ, ତାହାକୁ କେବଳ ଖରାପ ବୋଲି ହିଁ କୁହାଯିବ ।

ଅବଶ୍ୟ ଏହି କଥାଟିରୁ ଯେପରି କେହି ଏଭଳି ବୁଝିବେନାହିଁ ଯେ ମୁଁ ସାଧାରଣ ଭାବରେ ବୃକ୍ଷପୂଜାକୁ ସମର୍ଥନ କରୁଛି । ଏହାକୁ ଭକ୍ତିର ଏକ ସହାୟକ ବୋଲି ବିଚାର କରୁଛି ବୋଲି ମୁଁ ବୃକ୍ଷପୂଜାର କୌଣସି ସମର୍ଥନ କରୁନାହିଁ । ଏହି ବିଶ୍ୱଜଗତରେ ଈଶ୍ୱର ଅଗଣିତ ରୂପରେ ନିଜକୁ ପ୍ରକାଶିତ କରନ୍ତି ଏବଂ ତାଙ୍କର ଏହିଭଳି ପ୍ରତ୍ୟେକ -ପ୍ରକାଶ ମୋ' ଭିତରେ ଏକ ସ୍ୱତଃସ୍ଫୁର୍ତ୍ତ ଭକ୍ତିର ଉଦ୍ରେକ ଯେ କରିଆଣେ, ମୁଁ ତାହା ସ୍ୱୀକାର କରିଥାଏ ବୋଲି ମୁଁ ବୃକ୍ଷପୂଜାକୁ ସମର୍ଥନ କରିଥାଏ । ମୂର୍ତ୍ତିପୂଜା ବିଷୟରେ କହିବାକୁ ଗଲେ, ତୁମକୁ କୌଣସି ନା କୌଣସି ଆକାରରେ ତାହାକୁ କରିବାକୁ ହିଁ ପଡୁଥିବା ଏକ ମସ୍‌ଜିଦ୍‌କୁ ଈଶ୍ୱରଙ୍କର ଗୃହ ବୋଲି କହୁଥିବା ଜଣେ ମୁସଲମାନ୍ ସେହି ମସ୍‌ଜିଦ୍‌ର ରକ୍ଷା କରିବାକୁ ଯାଇ କାହିଁକି ଆପଣାର ପ୍ରାଣକୁ ବଳି ଦେଇଥାଏ ? ଜଣେ ଖ୍ରୀଷ୍ଟିଆନ କାହିଁକି ଗୀର୍ଜାକୁ ଯାଏ, ଏବଂ ଏକ ଶପଥ ନେବାକୁ ପଡ଼ିଲେ, ସେ କାହିଁକି ବାଇବେଲର ନାମରେ ଶପଥ ନିଏ ? ଏହାଦ୍ୱାରା କୌଣସି ଗର୍ହିତ ଆଚରଣ କରାଯାଏ ବୋଲି ଆଦୌ ଭାବୁନାହିଁ । ମସ୍‌ଜିଦ୍ କିମ୍ବା ସମାଧି-ମନ୍ଦିରର ନିର୍ମାଣ ପାଇଁ ଅଜସ୍ର ସମ୍ପତ୍ତି ଦାନ କରିବା ପୌତ୍ତଳିକତା ବ୍ୟତୀତ ମଧ ଆଉ କ'ଣ ହୋଇପାରେ ? ପଥରରେ ତିଆରି ହୋଇଥିବା ବା ପର୍ଣ୍ଣ କିମ୍ବା କାଚ ଉପରେ ଚିତ୍ର କରା ହୋଇଥିବା କଳ୍ପିତ ଛବିଗୁଡ଼ିକରେ କୁମାରୀ ମେରୀ ତଥା ଧର୍ମାତ୍ମାମାନଙ୍କର କଳ୍ପନା କରି ସେମାନଙ୍କୁ ନତଜାନୁ ହୋଇ ପ୍ରଣିପାତ କଲାବେଳେ ମଧ ରୋମାନ୍ କାଥୋଲିକମାନେ କ'ଣ କରନ୍ତି ? ଯଥାର୍ଥରେ, ଏହିସବୁ କ୍ଷେତ୍ରରେ ଆମେ ସେହି ପଥରଟିର କଦାପି ପୂଜା କରୁନାହିଁ, ଏପରି କରିବା ଯେତେ ଅଜ୍ଞାନପ୍ରସୂତ ବୋଲି ମନେ ହେଉଥିଲେ ମଧ ଆମେ ପଥର ଅଥବା ଧାତୁରେ ତିଆରି ମୂର୍ତ୍ତି ଭିତରେ ରହିଥିବା ଭଗଦାନଙ୍କର ହିଁ ଉପାସନା କରିଥାଉ ।

# ସ୍ୱର୍ବେଦ




**ଚତୁର୍ଥ ଅଧ୍ୟାୟ**

**ଜ୍ଞାନ ଯୋନି ପରବ୍ରହ୍ମ ହୈଁ,**
**ଅମିତ ଜ୍ଞାନ ଭଣ୍ଡାର ।**
**ସତ୍ୟ ଜ୍ଞାନ ଜୋ ଜଗତ ମେଁ,**
**ପୂର୍ଣ୍ଣ ଜ୍ଞାନ କର ଧାର ।।୦୧।।**

ଭାଷ୍ୟ - ଅନନ୍ତ ଜ୍ଞାନର ଭଣ୍ଡାର ଏବଂ ସମସ୍ତ ଜ୍ଞାନର କାରଣ, ଆଦି କାରଣ ବ୍ରହ୍ମ ଅଟନ୍ତି । ସତ୍ୟ ଜ୍ଞାନ ଯାହା ଜଗତରେ ପ୍ରକଟ ହୋଇଥାଏ, ସେହି ପୂର୍ଣ୍ଣ ଜ୍ଞାନର ଧାରାର ପ୍ରକଟକାରୀ ପୂର୍ଣ୍ଣ ପରଂବ୍ରହ୍ମ ଅଟନ୍ତି ।

**ବ୍ରହ୍ମଜ୍ଞାନ ସବ ଜ୍ଞାନ ହୈ, ବ୍ରହ୍ମ**
**ମାନ ସବ ମାନ ।**
**ବ୍ରହ୍ମଶାନ୍ତି ସବ ଶାନ୍ତି ହୈ, ମିଲନ**
**ବ୍ରହ୍ମ ସବ ଜାନ ।।୦୨।।**

ଭାଷ୍ୟ - ଏକ ବ୍ରହ୍ମର ଜ୍ଞାନ ଉଦୟ ହେବା ପରେ ସମସ୍ତ ଜ୍ଞାନ ଉଦୟ ହେବାରେ ଲାଗେ ଓ ଏକ ବ୍ରହ୍ମର ପୂଜାରେ ସମସ୍ତଙ୍କର ପୂଜା ହୋଇଯାଇଥାଏ ଏବଂ ବ୍ରହ୍ମଶାନ୍ତିରେ ସମସ୍ତେ ଶାନ୍ତି ଏବଂ ବ୍ରହ୍ମପ୍ରାପ୍ତିରେ ସବୁକିଛି ପ୍ରାପ୍ତି ହୋଇଯାଏ । ସମସ୍ତ ଜ୍ଞାନ ବିଜ୍ଞାନର ଆଦି କାରଣ ପରଂବ୍ରହ୍ମ ଅଟନ୍ତି ।

**ଜୈସେ ରୂପ ଅନନ୍ତ ହୈ, ୱୈସେ**
**ଜ୍ଞାନ ଅନନ୍ତ ।**
**ଧାର ଅନନ୍ତ ପ୍ରୱାହ ହୈ, ଭେଦ**
**ତରଙ୍ଗ ଅନନ୍ତ ।।୦୩।।**

ଭାଷ୍ୟ - ଯେଉଁ ପ୍ରକାର ଈଶ୍ୱର ଅନନ୍ତ ଅଟନ୍ତି, ସେହି ପ୍ରକାର ତାଙ୍କର ସ୍ୱରୂପ, ଜ୍ଞାନ ମଧ୍ୟ ଅନନ୍ତ ଅଟେ ଏବଂ ତାଙ୍କର ଭେଦ ସ୍ୱରୂପ ମଧ୍ୟ ଅନନ୍ତ ଅଟେ । ଅନନ୍ତର ସମସ୍ତ ବ୍ୟବହାର ଅନନ୍ତ ଅଟେ, ଏହା ଅନନ୍ତର ଅପାର ମହିମା ଅଟେ ।

**ୱେଦ ଜଗତ ଜୋ ଜ୍ଞାନ ହୈ,**
**ଏକ ପାଦ ଜଗ ଜ୍ଞାନ ।**
**ସୋ ଭୀ ବୋଧ ଜୀୱତ୍ୱ ମେଁ,**
**ଅଗମ କଲା ୱିଜ୍ଞାନ ।।୦୪।।**

ଭାଷ୍ୟ - ଏକପାଦ ସୃଷ୍ଟି ଭିତରେ ଜଗତରେ ବେଦର ଯେଉଁ ଜ୍ଞାନ ଅଛି, ତାହା ଜୀବତ୍ୱ ଶକ୍ତିକୁ ଆସିଥିବା ଜ୍ଞାନ, ପରଂବ୍ରହ୍ମଙ୍କର ପୂର୍ଣ୍ଣ ବିଜ୍ଞାନ ଦ୍ୱାରା ପ୍ରକଟ ହୋଇଥାଏ । ଜୀବ ଦ୍ୱାରା ପ୍ରକଟ ବେଦର ସମସ୍ତ ଜ୍ଞାନ ବିଜ୍ଞାନର କାରଣ ତଥା ଆଧାର ପରଂବ୍ରହ୍ମ ଅଟନ୍ତି ।

**ନିର୍ୱିଶେଷ ମେଁ ଶେଷ ଜୋ,**
**ଜ୍ଞାନ ଅନନ୍ତ ଅପାର ।**
**ଅମିତ ମୟୂଖା ତତ୍ତ୍ୱ ମେଁ, ଅମିତ**
**କଣା କଣ ସାର ।।୦୫।।**

ଭାଷ୍ୟ - ସୂକ୍ଷ୍ମାତିସୂକ୍ଷ୍ମ ଯେଉଁ ଜ୍ଞାନ ଅଛି, ସେହି ଜ୍ଞାନର ଆଧାର ବ୍ରହ୍ମ ଅଟନ୍ତି । ସମସ୍ତ ଜ୍ଞାନର କିରଣ ସେହି ଅନନ୍ତ ସତ୍ତାଙ୍କଠାରୁ ସୃଷ୍ଟି ହୋଇଛି । ସେ ହିଁ ସୂକ୍ଷ୍ମରୁ ସୂକ୍ଷ୍ମତରର ଆଧାର ଅଟନ୍ତି ।

**ସତ୍ତା ପୂର୍ଣ୍ଣ ଅନନ୍ତ ହୈ, ପୂର୍ଣ୍ଣ**
**ଜ୍ଞାନ ଭରପୂର ।**
**ଆପ ଆପ ଅସ୍ତିତ୍ୱ ମେଁ, ସମରସ**
**ଆୱ ସପୂର ।।୦୬।।**

ଭାଷ୍ୟ - ସେହି ପରଂବ୍ରହ୍ମ ପୂର୍ଣ୍ଣ ଅନନ୍ତ ଅଟନ୍ତି । ତାଙ୍କର ଜ୍ଞାନ ପରିପୂର୍ଣ୍ଣ ଅଟେ । ସେ ନିଜର ଅନନ୍ତ ଜ୍ଞାନରେ ପରିପୂର୍ଣ୍ଣ ଏକରସ ଭରି ରହିଛନ୍ତି ।

**ବ୍ରହ୍ମଜ୍ଞାନ ସେ ଜୀୱ ଭୀ, ଆପନ**
**ଜ୍ଞାନ ସଂହାର ।**
**ପାୟ ୱିକାଶ ହରାସ ମେଁ, ଅଧିକ**
**ଜ୍ଞାନ ମିଲ ଧାର ।।୦୭।।**

ଭାଷ୍ୟ - ପରଂବ୍ରହ୍ମଙ୍କର ଆଧାରରୁ ହିଁ ଜୀବ ନିଜର ଜ୍ଞାନକୁ ସମ୍ଭାଳି ଥାଏ ଓ ନିଜ ଶକ୍ତିର ବଳ ପ୍ରାପ୍ତ ହୋଇ ବିକାଶକୁ ପ୍ରାପ୍ତ ହୋଇଥାଏ ଏବଂ ସେହି ପରଂବ୍ରହ୍ମଙ୍କର ପ୍ରାପ୍ତିରୁ ବିଶେଷ ଜ୍ଞାନର ଧାରାକୁ ଲାଭ କରିଥାଏ ।

**ଜୀୱ ଜ୍ଞାନ କଣ ଜାନିୟେ,**
**ଜ୍ଞାନରାସି ୱହ ପୀୱ ।**
**ଜ୍ଞାନ ଅନନ୍ତ ଅସୀମ ହୈ, ମୁଛ**
**ଜାନ କୁଛ ଜୀୱ ।।୦୮।।**

ଭାଷ୍ୟ - ଜୀବର ଜ୍ଞାନ ସ୍ୱଳ୍ପ ହୋଇଥିବା ବେଳେ ପ୍ରଭୁ ଜ୍ଞାନର ଭଣ୍ଡାର ଅଟନ୍ତି । ସେହି ପ୍ରଭୁଙ୍କଠାରେ ଅନନ୍ତ ଅପାର ଜ୍ଞାନ ବିଦ୍ୟମାନ । ଜୀବନ୍ମୁକ୍ତ ଯୋଗୀ ପୁରୁଷ ସେହି ସର୍ବଜ୍ଞ ମହାପ୍ରଭୁଙ୍କର ଜ୍ଞାନକୁ ନିଜ ଅଳ୍ପ ଜୀବତ୍ୱ ଶକ୍ତି ଭିତରେ ଜାଣିଥାନ୍ତି । ଅନନ୍ତର ଜ୍ଞାନକୁ ଅନନ୍ତ ହିଁ ଜାଣିପାରେ ।

**ଅଧିକ ଜ୍ଞାନ ଜୋ ମୁଛ ମେଁ,**
**ବ୍ରହ୍ମଜ୍ଞାନ ସୋୟ ଜ୍ଞାନ ।**
**ଜଗ ଆଶ୍ଚର୍ଯ୍ୟ ମହତ୍ତ୍ୱ ମେଁ,**
**ମହିମା ପୁରୁଷ ମହାନ ।।୦୯।।**

ଭାଷ୍ୟ - ଜୀବନ୍ମୁକ୍ତ ଯୋଗୀ ଦ୍ୱାରା ଜୀବତ୍ୱ ଶକ୍ତିର ବାହ୍ୟ ଜଗତରେ ଯେଉଁ ବିଶେଷ ଜ୍ଞାନ ଆଶ୍ଚର୍ଯ୍ୟମୟ ଭାବରେ ପ୍ରକଟ ହୁଏ, ତାହା ବ୍ରହ୍ମଜ୍ଞାନ ଅଟେ । ଏହା ସେହି ପରମପୁରୁଷଙ୍କର ମହତି ମହିମା ଅଟେ ।

**ସାଗର ପୂର୍ଣ୍ଣ ଅନନ୍ତ ହୈ, ନିଜ**
**ଭାଜନ ଭର ପାୟ ।**
**ବ୍ରହ୍ମଜ୍ଞାନ ସୁଖ ରାସି ହୈ, ପୂର୍ଣ୍ଣ**
**ଭରା ଭର ଆୟ ।।୧୦।।**

ଭାଷ୍ୟ - ସେହି ଅନନ୍ତ ମହାସାଗର ପୂର୍ଣ୍ଣ ଅନନ୍ତ ଅଟନ୍ତି । ନିଜର ଜୀବତ୍ୱ ଶକ୍ତି ଭିତରେ ଯେଉଁ ଜ୍ଞାନ ଜାତ ହୁଏ, ସେହି ଅନୁସାରେ ଜୀବ ତାକୁ ପ୍ରାପ୍ତ ହୋଇଥାଏ । ସେହି ଜ୍ଞାନ ଆନନ୍ଦର ରାଶି ପୂର୍ଣ୍ଣ ପରଂବ୍ରହ୍ମ ଅଟନ୍ତି ।

**ଅମିତ ଜ୍ଞାନ କୀ ଧାର ହୈ,**
**ସଦ୍‌ଗୁରୁ ଉର ବହ ଆୟ ।**
**ଯୋଗୀ ସେ ଜଗ ମେଁ ଭୟା, ଜଗ**
**ବୁଧ ଜନ ସୋଇ ପାୟ ।।୧୧।।**

ଭାଷ୍ୟ - ଅନନ୍ତ ଜ୍ଞାନର ଧାରା ସଦ୍‌ଗୁରୁଙ୍କ ହୃଦୟରୁ ପ୍ରବାହିତ ହୋଇଥାଏ ଓ ପୁଣି ସେହି ଜୀବନ୍ମୁକ୍ତ ସଦ୍‌ଗୁରୁଙ୍କ ଦ୍ୱାରା ସଂସାରରେ ପ୍ରକଟ ହୋଇଥାଏ, ଯେଉଁ ଜ୍ଞାନକୁ ଲାଭକରି ସଂସାରର ବ୍ୟକ୍ତିମାନେ ବିଦ୍ୱାନ୍ ହୋଇଥାନ୍ତି ।

# ନାମ ସଂକୀର୍ତ୍ତନର ବିଡ଼ମ୍ବିତ ରୂପ

**ସଂ**କୀର୍ତ୍ତନ ହେଉଛି ଭକ୍ତିର ଭାବପ୍ରବଣତାର ସ୍ୱାଭାବିକ ଅଭିବ୍ୟକ୍ତି । କଳିଯୁଗରେ ଭଗବାନଙ୍କ ନାମ ସଂକୀର୍ତ୍ତନକୁ ମୋକ୍ଷ ଲାଭର ଶ୍ରେଷ୍ଠ ପନ୍ଥା ଭାବରେ ବର୍ଣ୍ଣନା କରାଯାଇଛି । ପଞ୍ଚଦଶ ଶତାବ୍ଦୀରେ ଶ୍ରୀଚୈତନ୍ୟ ଏହି ନାମ ସଂକୀର୍ତ୍ତନକୁ ଲୋକପ୍ରିୟ କରାଇ ଏହାକୁ ଏକ ଭକ୍ତି ଆନ୍ଦୋଳନରେ ପରିଣତ କରିଥିଲେ । ସେ ଗୟାରେ ଈଶ୍ୱରପୁରୀଙ୍କ ଠାରୁ ଶିଷ୍ୟତ୍ୱ ଗ୍ରହଣ କରି ଶ୍ରୀକୃଷ୍ଣଙ୍କ ମହିମା ଶ୍ରବଣ କରିଥିଲେ । ସେ କୃଷ୍ଣ ଭାବରେ ଏଭଳି ତନ୍ମୟ ହେଉଥିଲେ ଯେ ହଠାତ୍ 'କୃଷ୍ଣ କୃଷ୍ଣ' ବୋଲି ଚିତ୍କାର କରି ଚେତନା ହରାଇ ଭାବସମାଧି ପ୍ରାପ୍ତ ହେଉଥିଲେ । ପରବର୍ତ୍ତୀ ସମୟରେ ସେ ଗୋଷ୍ଠୀ ସଂକୀର୍ତ୍ତନ ମାଧ୍ୟମରେ ହରିନାମ ପ୍ରଚାର କଲେ ଓ ସଂକୀର୍ତ୍ତନ କଲାବେଳେ ସେ ନିଜ ଅସ୍ତିତ୍ୱକୁ ଭୁଲିଯାଉଥିଲେ । କ୍ରମେ ଏହି ସଂକୀର୍ତ୍ତନ ଏକ ବୈଷ୍ଣବ ଆନ୍ଦୋଳନରେ ପରିଣତ ହେଲା । ସଂକୀର୍ତ୍ତନରେ ଝାଞ୍ଜ ଓ ମୃଦଙ୍ଗ ବ୍ୟବହାର ହେଲା ଓ ଏହା ଏକ ଧାର୍ମିକ ଭାବାବେଗ ସୃଷ୍ଟି କଲା । ଶ୍ରୀଚୈତନ୍ୟ ଓଡ଼ିଶା ଆସି ପୁରୀରେ ପ୍ରାୟ ୧୮ ବର୍ଷ କାଳ ରହି ସଂକୀର୍ତ୍ତନ ମାଧ୍ୟମରେ ବୈଷ୍ଣବ ଧର୍ମର ପ୍ରଚାର ଓ ପ୍ରସାର କଲେ । ରଥଯାତ୍ରା ସମୟରେ ସେ ଭାବବିହ୍ୱଳ ହୋଇ ମହାପ୍ରଭୁଙ୍କ ରଥ ସମ୍ମୁଖରେ ନୃତ୍ୟ କରୁଥିଲେ । ସଂକୀର୍ତ୍ତନ କଲାବେଳେ ସେ ରାଧାଭାବରେ ନିମଜ୍ଜିତ ରହୁଥିଲେ । ଭୂପତି ପଣ୍ଡିତଙ୍କ 'ପ୍ରେମ ପଞ୍ଚାମୃତ' ଗ୍ରନ୍ଥ ଅନୁସାରେ ଏହି ରାଧାଭାବ ହେଉଛି ଆତ୍ମା-ପରମାତ୍ମାଙ୍କ ମିଳନର ଭାବ ।

ଶ୍ରୀଚୈତନ୍ୟଙ୍କ ସମୟରୁ ଓଡ଼ିଶାରେ ନାମ ରାମ ଓ କୃଷ୍ଣ ନାମ ସଂକୀର୍ତ୍ତନର ପ୍ରସାର ଆରମ୍ଭ ହେଲା । ଆଜି ବି ଓଡ଼ିଶାର ନଗର ଓ ପୁରପଲ୍ଲୀରେ ଅଷ୍ଟପ୍ରହରୀ, ଷୋହଳ ପ୍ରହରୀ, ଚବିଶ ପ୍ରହରୀ ନାମ ସଂକୀର୍ତ୍ତନ ଆୟୋଜିତ ହେଉଛି ।

ମାତ୍ର ଚୈତନ୍ୟଙ୍କ ସମୟରେ ନାମ ସଂକୀର୍ତ୍ତନରେ ଯେଉଁ ଭକ୍ତି ଓ ପ୍ରେମ ଥିଲା ତାହା ଅଜି ବିଲୁପ୍ତ । ସଂକୀର୍ତ୍ତନ ଆଜି ମନୋରଞ୍ଜନର ମାଧ୍ୟମ ହୋଇଯାଇଛି । ଉଭୟ ପୁରୁଷ ଓ ନାରୀ ବିଚିତ୍ର ବେଶଭୂଷାରେ ସଜ୍ଜିତ ହୋଇ ଯେଉଁଭଳି ସିନେମାର ଅଶ୍ଳୀଳ ପ୍ରେମ ସଂଗୀତର ଶୈଳୀରେ ବିଚିତ୍ର ଭଙ୍ଗୀରେ ଭଗବାନଙ୍କ ନାମ ସଂକୀର୍ତ୍ତନ କରୁଛନ୍ତି ତାହା ଦେଖି ସ୍ୱର୍ଗରେ ଚୈତନ୍ୟଙ୍କ ଆତ୍ମା ବିଳାପ କରୁଥିବ । ସେମାନଙ୍କୁ ରକ୍ତ କହିବା ତ ଠିକ୍ ହେବନାହିଁ, ବରଂ ସେମାନେ ଯାତ୍ରାଦଳର ବା ସିନେମାର ଅଭିନେତା ଅଭିନେତ୍ରୀର ଭ୍ରମ ସୃଷ୍ଟି କରୁଛନ୍ତି । ପୁନଶ୍ଚ ସଂକୀର୍ତ୍ତନ ସମୟରେ ଦର୍ଶକମାନେ ଗାୟକ, ଗାୟିକାମାନଙ୍କୁ ସମ୍ବର୍ଦ୍ଧନା ଦେବା ଆଳରେ ଟଙ୍କା ନୋଟ୍‌ରେ ସେମାନଙ୍କୁ ଆପାଦମସ୍ତକ ବିଭୂଷିତ କରୁଛନ୍ତି । ପ୍ରହରୀ ନାମଯଜ୍ଞରେ ଅଂଶଗ୍ରହଣ କରୁଥିବା ଦଳଗୁଡ଼ିକ ଅର୍ଥ ଗ୍ରହଣ କରୁଥିବା ମଧ ଶୁଣାଯାଏ । ନାଟକ ଓ ସଂଗୀତର ବ୍ୟାବସାୟିକ ପ୍ରସାରଣ ଭଳି ଆଜି ସଂକୀର୍ତ୍ତନକୁ ମଧ ବ୍ୟାବସାୟିକ ରୂପ ଦେଇ ଏହାର ମର୍ଯ୍ୟାଦା କ୍ଷୁଣ୍ଣ କରାଗଲାଣି । ଚୈତନ୍ୟଙ୍କ ସଂକୀର୍ତ୍ତନର ଆଦର୍ଶରୁ ଆଜିର ସଂକୀର୍ତ୍ତନ ବହୁ ଦୂରରେ ।

ଭକ୍ତି ଶବ୍ଦ 'ଭଜ୍' ଧାତୁରୁ ନିଷ୍ପନ୍ନ ହୋଇଛି । ଏହାର ଅର୍ଥ ହେଉଛି ଭାଗ ନେବା ଓ ଦେବା । କାଳକ୍ରମେ ଏହା ବସ୍ତୁ ବା ପଦାର୍ଥ ଭାଗ କରିବା ଅର୍ଥରେ ବ୍ୟବହୃତ ନହୋଇ ମନର ଭାବକୁ ଭାଗ କରିବା ଅର୍ଥରେ ବ୍ୟବହୃତ ହୋଇଛି । ଭଗବତ୍ ଉପାସନାରେ ଏହା ଉପାସକ ଓ ତାର ଆରାଧ ଦେବତା ମଧରେ ଥିବା ଭାବଗତ ସଂପର୍କକୁ ବୁଝାଇଛି । ଉପାସନାରେ ଭକ୍ତ ଭଗବାନଙ୍କ ପାଖରେ ଗୁହାରି କରେ । ସେ ଗୁହାରି କରୁଛି ବୋଲି ଜଗତକୁ ଜଣାଏ ନାହିଁ । ସେ ପାଟିକରି ନଜଣାଇଲେ ମଧ ଭଗବାନ ତା' ଗୁହାରି ଶୁଣନ୍ତି, କାରଣ ସେ ଅନ୍ତର୍ଯ୍ୟାମୀ ।

ଶ୍ରୀଚୈତନ୍ୟଙ୍କ ହରିନାମ କୀର୍ତ୍ତନ ହେଉଛି ଅସାଧାରଣ, କାରଣ ତାହା ଥିଲା ଭାବବିହ୍ୱଳର ଭକ୍ତିର ସ୍ୱାଭାବିକ ବହିଃପ୍ରକାଶ । ଅଭିନେତା ଅଭିନେତ୍ରୀ ଭଙ୍ଗୀରେ ସଂକୀର୍ତ୍ତନ କରୁଥିବା ଆଜିର ସଂକୀର୍ତ୍ତନ ଦଳରେ ତାହା ବିରଳ । ଭକ୍ତି ଏକ ପ୍ରଦର୍ଶନର ବିଷୟ ନୁହେଁ । ପ୍ରକୃତ ଭକ୍ତ ନିଜକୁ ପ୍ରଚାରିତ କରେନାହିଁ । ଚୈତନ୍ୟଙ୍କ ଭାଷାରେ ଭକ୍ତିର ଲକ୍ଷଣ ହେଉଛି "ତୃଣାଦପି ସୁନୀଚେନ ତରୋରିବ ସହିଷ୍ଣୁନା/ ଅମାନିନାମାନଦେନ କୀର୍ତ୍ତନୀୟ ସଦା ହରି', ଅର୍ଥାତ୍ ତୃଣଠାରୁ ମଧ ଆହୁରି ବିନମ୍ର ହୋଇ, ବୃକ୍ଷଠାରୁ ମଧ ଆହୁରି ସହିଷ୍ଣୁ ହୋଇ, ନିଜର ସମ୍ମାନ ଚିନ୍ତା ନକରି ଅନ୍ୟମାନଙ୍କୁ ସମ୍ମାନ ପ୍ରଦର୍ଶନ କରି ହରିଙ୍କୁ କୀର୍ତ୍ତନ କରିବା ଉଚିତ୍ । ଏଣୁ ଯେଉଁମାନେ ନାମ ସଂକୀର୍ତ୍ତନକୁ ଆମୋଦ ପ୍ରମୋଦର ମାଧମ ଭାବରେ ଗ୍ରହଣ କରିଛନ୍ତି ସେମାନେ ସଂକୀର୍ତ୍ତନର ଆଦ୍ୟ ପ୍ରବର୍ତ୍ତନ ଚୈତନ୍ୟଙ୍କୁ ସ୍ମରଣ କରନ୍ତୁ ଓ ସଂକୀର୍ତ୍ତନକୁ ମନୋରଞ୍ଜନର ସାମଗ୍ରୀ ଭାବରେ ବ୍ୟବହାର କରନ୍ତୁନାହିଁ ।

# ମାଁ ମାଇଟ

## ରାସ ବିହାରୀ ନାଏକ

ଖପର ଘର ଭଙ୍ଗା କାନ୍ଥି ଗୁବର ଲିପା ବାଉଁଶ ପାତିଆ ଟାଏଟ,
ମନେ ପଡ୍ତୁଛେ ଗୋ ମା ତୋର ପନତକାନି ମୋର ଗାଁ ମା ମାଏଟ ।
ଲଟିବୁରୋ ଆଉ ତେତେଲ କୟାଁ, ଜମୁଆ ବାହାଲର ଚୁରିଆ ଝୁରି,
ଡୁମରି ତଳର ଗ୍ରାମଦେବୀ ପୁଜା ବୁକାକୁକରା,
କେତେ ପଡ୍ତୁଥିଲା ହୁରୀ ।
ନୂଆଖାଇର ପିଠାପନା ଜୁହାର ବିହାର ଅଷ୍ଟ ପହରୀ କୀର୍ତ୍ତନ,
ହୁଲି ଦିଆଲି, ରଥଯତରା ମନଉ ଥିଲି କରି କେତେ ଯତନ ।
ଗାଁ ଗୁଡିର ଘଁଟ ଶଙ୍ଖ ବିହାବେଳେ ଢୋଲ ନିଶାନ ତାସା,
ଶୁନିକରି ବଡ଼ ହଇଛେ ହଇଛେଁ ଗୋ ମା
ତୋତେ ଉଁ କେତେ ଦେଇଛେ ଦଶା ।
ମହାଦେବ ଗୁଡିର ପଥର ପାଉଁଚ ଆର ପୁର୍ଣି ବନ୍ଧର ପଦମ ଫୁଲ,
ଡେଗେଇ, ପହଁରି ଗାଧିପାଧି କରି ପଖାଳ ଖାଇ ଯାଉଥୁଲୁ ଇସ୍କୁଲ ।
ଅଇଁଲା ନଅମି ଆର ଛାଡ଼ଖାଇ ଭୁଜି ସୁଖା ଇବ ନଦୀର ବାଲି,
ବଗିଚାର ବଢ଼େଲ ମୟା ଚୁରେଇ କରି କେତେ ଖାଉ ଥିଲୁ ଗାଳି ।
ଭୁଲି ନାଇଁ ପାରେ ଗୋ ମା ମୋର ସାଙ୍ଗ ସାଥୀ ତୋର ମାଟିର ମହକ,
ଦୂରେ ଥିଲେ ବି, ମୋର ମନ ପରାନେ ରହିଛେ ତୋର ଚମକ ।
ତୋର ମାଏଟ ପବନେ କୁଦି ନରଦି ବଢ଼ି ହଇଛେ ମୁଇଁ ଜୁଆନ,
ତୋର ଗୁଢ଼ିମାଟି କେ ଜୁହାର ମା ଗୋ ତୁଇ ଆଉ କେଢ଼େ ମହାନ ।
ଯେନେଭି ଥିଲେ ମା ମାଟି ଗୋ ପାଉଁଛେ ତୋର ଆଶୀରବାଦ,
ତୋର ମାଟିଥି ମୁଇଁ ମିସିଯିବି ଗୋ ମା ଇ ଜୀବନ ଯିବାର ବାଦ ।

**ତାଲପଟିଆ, ଝାରସୁଗୁଡା**

## ଟିକିଏ ହସନ୍ତୁ

ଝିଅ : ବାପା ଜାଣିଛ, ଆମ ଘରେ ଯୋଉ ବିଲେଇ ଆଉ ଗାଈ ଅଛନ୍ତି ସେମାନେ ଦୁଇ ଭଉଣୀ ।
ବାପା : ଦି ଭଉଣୀ ! କେମିତି ?
ଝିଅ : ତମେ ପରା କହିଥିଲ ଗାଈ ଆମର ମା । ଆଉ ବିଲେଇ ମାଉସୀ ।
ତା'ହେଲେ ସେ ଦୁହେଁ ଭଉଣୀ ହେଲେ କି ନାଇଁ ?

× × × ×

ଡାକ୍ତର ଆପଣଙ୍କ ଏକ୍ସରେ ରେ ହାଡ଼ ଭାଙ୍ଗିଛି ବୋଲି ଦେଖାଯାଉଛି ।
ରୋଗୀ : ହେ ଭଗବାନ୍, ଧନ୍ୟବାଦ । ଯାହା ହେଉ ଏକ୍ସ-ରେରେ ହାଡ଼ ଭାଙ୍ଗିଛି ।
ସତରେ ଭାଙ୍ଗିନି । ନହେଲେ ବହୁତ ଖର୍ଚ୍ଚ ହେଇଥାଆନ୍ତା ।

× × × ×

ରାଘୁ ବାବୁଙ୍କ ଘରୁ ସବୁବେଳେ ହସ ଶବ୍ଦ ଆସେ ।
ଏହା ଶୁଣି ମୋହନ ବାବୁ : ଆଜ୍ଞା ଆପଣଙ୍କ ଘରୁ ସବୁବେଳେ ହସ ଶବ୍ଦ ଆସେ ।
ମତେ କହିଲେ, ଏମିତି ହସଖୁସିଭରା ପାରିବାରିକ ଜୀବନର ରହସ୍ୟ କଣ ?
ରଘୁ ବାବୁ : କଥା କ'ଣ କି ମୋ ସ୍ତ୍ରୀ ସବୁବେଳେ ମତେ ଜୋତା ଫିଙ୍ଗିକି ମାରେ ।
ଜୋତା ଯଦି ମୋ ଦେହରେ ବାଜେ ତା'ହେଲେ ମୋ ସ୍ତ୍ରୀ ହସେ ।
ଆଉ ଯଦି ନ ବାଜେ ମୁଁ ହସେ । ଏହା ହେଉଛି ମୋ ହସ ଖୁସିଭରା ପାରିବାରିକ ଜୀବନର ରହସ୍ୟ ।



× × × × ×

କଲେଜକୁ ନୂଆ ଆସିଥିବା ଜଣେ ଝିଅକୁ ଯୁବକ : ତୁମ ନାମ କ'ଣ ?
ଝିଅ : ମତେ ସମସ୍ତେ ଦିଦି ଡାକନ୍ତି ।
ଯୁବକ : ଆରେ ବାଃ କି ସଂଯୋଗ, ମତେ ବି ସମସ୍ତେ ଜିଜୁ ଡାକନ୍ତି ।

× × × × ×

କାନ ଅପରେସନ ପରେ ଭୋଲା : ଜାଣିଛୁ ପପୁ, ମତେ ଭଲ ଶୁଭୁ ନ ଥିବାରୁ ଡାକ୍ତର ଅପରେସନ୍ କରି ମୋର ନୂଆ କାନ ଲଗେଇ ଦେଲେ ।
ପପୁ : ସତ ! ତା'ହେଲେ ହେପ୍ପି ନ୍ୟୁ ଇୟର ।

× × × ×

ପ୍ରଥମ ସାଙ୍ଗ ଦ୍ୱିତୀୟ ସାଙ୍ଗକୁ : କହିଲୁ ଦେଖି ବିବାହିତ ପୁରୁଷ ଓ ବିବାହିତା ନାରୀଙ୍କ ଭିତରେ ଫରକ କ'ଣ ?
ଦ୍ୱିତୀୟ ସାଙ୍ଗ : ବେକରେ ମଙ୍ଗଳ ସୂତ୍ର ଲଟକିଥିଲେ ନାରୀ ବିବାହିତା ଓ ମୁହଁ ଲଟକିଥିଲେ ପୁରୁଷ ବିବାହିତ ।

## ଶୁଖିଲା ନଡ଼ିଆର ଉପକାରିତା

ଶୁଖିଲା ନଡ଼ିଆ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ବହୁତ ଉପକାରୀ । ଏହାକୁ 'ଗୋଲା' ମଧ୍ୟ କୁହାଯାଏ । ଶୁଖିଲା ନଡ଼ିଆର ବ୍ୟବହାର ଭାରତୀୟ ମିଠେଇ ଓ ମିଠା ସମ୍ବନ୍ଧୀୟ ଅନ୍ୟାନ୍ୟ ଖାଦ୍ୟରେ ଖୁବ୍ ବ୍ୟବହାର କରାଯାଏ । ଏହା ସ୍ୱାଦରେ ହାଲ୍କା ମିଠା ଓ ଖାଇବା ପରେ ଏଥିରୁ ତେଲ ବାହାରିବା ପରି ମନେହୁଏ । ଡ୍ରାଏ ଫ୍ରୁଟ୍ସରେ ମଧ୍ୟ ଶୁଖିଲା ନଡ଼ିଆର ବ୍ୟବହାର ହୋଇଥାଏ । ଏଥିରେ କୋଲେଷ୍ଟ୍ରଲ ବା ଟ୍ରାନ୍ସ ଫ୍ୟାଟ୍ ଆଦୌ ନାହିଁ । ଏଥିରେ ମ୍ୟାଗ୍ନେସିୟମ୍, ସେଲେନିୟମ୍, କପର ଓ ଡାଏଟ୍ରି ଫାଇବର ଭରପୁର ମାତ୍ରାରେ ଅଛି । ଏହି କାରଣ ଯୋଗୁଁ ଶୁଖିଲା ନଡ଼ିଆ ବହୁତ ଉପକାରୀ ହୋଇଥାଏ ।

ଗୋଟେ ଛୋଟ ଶୁଖିଲା ନଡ଼ିଆରେ



ପାଖାପାଖି ୫.୨ ମାଇକ୍ରୋଗ୍ରାମ୍ ସେଲେନିୟମ୍ ଥାଏ । ତେଣୁ ଏହାକୁ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବଢ଼ିଥାଏ ।

ଶୁଖିଲା ନଡ଼ିଆରେ ଡାଇଟ୍ରି ଫ୍ୟାଟ୍ ଭରପୂର ମାତ୍ରାରେ ଥାଏ । ସେଥିପାଇଁ ଏହା ହୃଦୟ ରୋଗରେ ବହୁତ ଲାଭକାରୀ ହୋଇଥାଏ । ପୁରୁଷମାନଙ୍କ ଶରୀର ପାଇଁ ପ୍ରତିଦିନ ୩୮ ଗ୍ରାମ୍ ହାଇଡ୍ରି ଫାଇବରର ଆବଶ୍ୟକ ହୁଏ । ଏହା ଦ୍ୱାରା ହୃଦୟରୋଗର ବିପଦ କମ୍ ହୋଇଥାଏ । ଏଥିରେ ଭିଟାମିନ୍ ଇ ଥାଏ । ୧୦୦ ଗ୍ରାମ୍ ନଡ଼ିଆରେ ୫୪୩ ଗ୍ରାମ୍ ପୋଟାସିୟମ୍ ଓ ୨୬ ମିଲିଗ୍ରାମ କ୍ୟାଲସିୟମ୍ ଥାଏ । ଏହି ଦୁଇଟି ତତ୍ତ୍ୱ ହାର୍ଟଆଟାକ୍ ଓ ହାଇ ବ୍ଲଡ ପ୍ରେସରରୁ ରକ୍ଷା କରିଥାନ୍ତି ।

ଏଥିରୁ ଆଇରନ୍ ମିଳିଥାଏ । ୧୦୦ ଗ୍ରାମ ନଡ଼ିଆରୁ ୩.୩୨ ମିଲିଗ୍ରାମ୍ ଆଇରନ୍ ଥାଏ । ପ୍ରତ୍ୟେକ ଦିନ ଆବଶ୍ୟକ ହେଉଥିବା ୧୮% ଆଇରନ୍ ଏଥିରୁ ମିଳିଥାଏ । ଏହା ରକ୍ତ ତିଆରି କରିବାରେ ସହାୟକ ହୋଇଥାଏ ।

ନିଜେ ଖାଇବା ସହିତ ପିଲାମାନଙ୍କୁ ମଧ୍ୟ ଶୁଖିଲା ନଡ଼ିଆ ଖାଇବାକୁ ଦିଅନ୍ତୁ ଏଥିରେ କପର ଥିବା ଯୋଗୁଁ ଏହା ସ୍ମରଣଶକ୍ତିକୁ ଆହୁରି ତୀକ୍ଷ୍ଣ କରିଥାଏ । ଦୁର୍ବଳ ସ୍ୱାସ୍ଥ୍ୟ ଥିବା ଲୋକମାନେ ଶୁଖିଲା ନଡ଼ିଆ ଖାଇବା ଜରୁରୀ । ଏଥିରେ ଅନେକ ପୋଷକ ତତ୍ତ୍ୱ ରହିଛି ଯାହା ଦ୍ୱାରା ଆପଣଙ୍କ ଶରୀରକୁ ଶକ୍ତି ମିଳିବ ।

## କୋଲେଷ୍ଟ୍ରେରଲ କମ୍ କରିବ ଅମୃତ ଭଣ୍ଡା

ଅମୃତ ଭଣ୍ଡା ପାଚିଲା ହେଉ କି କଞ୍ଚା ଖାଇବାକୁ ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ଲାଗି ମଧ୍ୟ ଖୁବ୍ ଗୁଣକାରୀ । ଆୟୁର୍ବେଦରେ ଅମୃତଭଣ୍ଡାକୁ ଏକ ସ୍ୱତନ୍ତ୍ର ଫଳ ରୂପେ ଗ୍ରହଣ କରାଯାଇଛି । ଏହାକୁ ନିୟମିତ ଖାଇଲେ ଦେହ ସୁସ୍ଥ ରହେ ତାହା ନୁହେଁ, ତ୍ୱଚା ଓ କେଶ ପାଇଁ ମଧ୍ୟ ଏହା ଖୁବ୍ ଭଲ । ଭିଟାମିନ୍ ସି'ରେ ଭରପୂର ଅମୃତଭଣ୍ଡାରେ ପ୍ରଚୁର ଆଣ୍ଟି ଅକ୍ସିଡାଣ୍ଟ ଓ ଫାଇଭର ରହିଛି ଯାହା ଶରୀରର କୋଲେଷ୍ଟେରଲ ଓ ରକ୍ତ ସଂଚାଳନକୁ ସଠିକ୍ ରଖିଥାଏ । କୋଲେଷ୍ଟେରଲ କମ୍ ହେବା ଯୋଗୁଁ ରକ୍ତଚାପ ନିୟନ୍ତ୍ରଣ ହୋଇଥାଏ ।

ସୁଗାର ରୋଗୀଙ୍କ ପାଇଁ ଅମୃତଭଣ୍ଡା ଏକ ଉତ୍ତମ ବିକଳ୍ପ । ପାଚିଲା



ଅମୃତଭଣ୍ଡା ମିଠା ଲାଗୁଥିଲେ ବି ସୁଗାର ରୋଗୀ ମଧ୍ୟ ନିୟମିତ ଖାଇଲେ କୌଣସି ଅସୁବିଧା ହୋଇ ନ ଥାଏ ।

ଅମୃତ ଭଣ୍ଡାରେ ଗଚ୍ଛିତଥିବା ଭିଟାମିନ୍ ଏ' ଦୃଷ୍ଟିଶକ୍ତି ବୃଦ୍ଧି କରିବା ଲାଗି ସବୁଠାରୁ ଉତ୍ତମ ବିକଳ୍ପ ।

ରୋଗ ପ୍ରତିରୋଧକ କ୍ଷମତା ବଢ଼ାଏ: ଅମୃତଭଣ୍ଡା ଖାଇବା ଦ୍ୱାରା ଇମ୍ୟୁନି ସିଷ୍ଟମ ମଜବୁତ ହୁଏ । ଏଥିରେ ଭିଟାମିନ୍ ସି' ପ୍ରଚୁର ମାତ୍ରାରେ ରହିଥିବାରୁ ବିଭିନ୍ନ ରୋଗ କବଳରୁ ରକ୍ଷା କରିଥାଏ ।

ମାସିକ ଋତୁ ସମସ୍ୟା: ଅମୃତଭଣ୍ଡାରେ ଏପରି ଗୁଣ ରହିଛି ଯାହା ମହିଳାଙ୍କ ମାସିକ ଋତୁ ସମସ୍ୟାକୁ ଦୂର କରିବା ସହିତ ଖୁବ୍ ହେସି ସମୟର କଷ୍ଟକୁ ଲାଘବ କରିଥାଏ । ବିଶେଷକରି ଏଥିରେ ଏନଜାଇମ୍ ରହିଥିବା ଯୋଗୁଁ ଏହା ମାସିକ ଧର୍ମ ସମୟରେ ହେଉଥିବା ଯନ୍ତ୍ରଣାକୁ ଦୂର କରିବାରେ ସହଯୋଗ କରିଥାଏ ।

ଚାପ କମ୍ କରେ: ଅମୃତ ଭଣ୍ଡା ଖାଇବା ଦ୍ୱାରା ଶରୀର ହର୍ମୋନ୍ ସ୍ତର ସ୍ଥିର ରହେ ଓ ଚାପ ତଥା ରାଗକୁ କମ୍ ହେବାର ଗୁଣ ଏଥିରେ ମଧ୍ୟ ରହିଛି ।

କେଶ ଓ ତ୍ୱଚା ଲାଗି ଭଲ: ଅମୃତ ଭଣ୍ଡା ତ୍ୱଚା ଏବଂ କେଶ ପାଇଁ ବହୁତ ଭଲ । ଅମୃତ ଭଣ୍ଡା ପେଷ୍ଟ କେଶରେ ଲଗାଇବା ଦ୍ୱାରା କେଶ ଲମ୍ୱା ଓ ଘନ ହେବା ସହିତ ରୁପି ସମସ୍ୟା ଦୂର ହୋଇଥାଏ ।

## ଆପଣ ଜାଣନ୍ତି କି ?

- ପୁଫର୍ ମାଛଟି ନିଜ ଶରୀରକୁ ପ୍ରକୃତ ଆକାରଠାରୁ ଯଥେଷ୍ଟ ଅଧିକ ଆକାର ପର୍ଯ୍ୟନ୍ତ ବଢ଼ାଇପାରେ ।
- ଗୋଟିଏ ପୁଫର୍ ଫିସ୍ ଦେହରେ ୧୦ରୁ ଅଧିକ ମଣିଷଙ୍କୁ ମାରିଦେଲା ଭଳି ବିଷ ଅଛି ।
- 'ଉଡ୍ରୋ' କ୍ରିମିୟମ୍ ଲିଲି' ଏକ ବିରଳ ପ୍ରାୟ ଫୁଲ ।
- ଆଜକୁ ପ୍ରାୟ ୧୦୦ ବର୍ଷ ପୂର୍ବେ ଏହି ଫୁଲ ଦେଖିବାକୁ ମିଳୁଥିଲା । ୨୦୦୪ ରେ ଅକସ୍ମାତ୍ ଭାବେ ମହାବାଳେଶ୍ୱରଠାରେ ଜି ଏମ୍ ଉଡ୍ରୋ ନାମକ ଜଣେ ବ୍ୟକ୍ତି ଆବିଷ୍କାର କରିଥିଲେ ।
- 'ଲ ସେରାପେଜିଆ' କାଠରେ ଫୁଟୁଥିବା ଏକ ପ୍ରଜାତିର ଫୁଲ ।
- ୧୮୮୩ ରେ ଜନ୍ ସୁଥରଲ୍ୟାଣ୍ଡ ଲ ଏହାକୁ ଆବିଷ୍କାର କରିଥିବାରୁ ଏହାର ନାମକରଣ ଏପରି କରାଯାଇଛି । ୧୯୨୦ ରେ ପୁନର୍ବାର ଏହି ଫୁଲଟି ମହାରାଷ୍ଟ୍ରର କୋହ୍ଲାପୁରଠାରେ ଦେଖିବାକୁ ମିଳିଥିଲା ।
- 'ଯକଲ ସ୍ନୋ' ଲୋଟସ୍' ସ୍ଥଳଭାଗରେ ଦେଖାଯାଉଥିବା ଏକ ଔଷଧୀୟ ଜାତୀୟ ଫୁଲ ।
- ଏହି ଫୁଲଟି କେବଳ ହିମାଳୟରେ ଦେଖାଯାଏ । ଏହାକୁ ଆୟୁର୍ବେଦିକ୍ ଔଷଧ ତିଆରି କରିବାରେ ବ୍ୟବହାର କରାଯାଏ ।
- 'ମ୍ୟାଜେଷ୍ଟା ଘୋଷ୍ଟ' ନାମକ ଏହି ଫୁଲଟି ୯୦ ବର୍ଷ ପରେ ପୁନର୍ବାର ତାମିଲନାଡୁର ଇନ୍ଦିରା ଗାନ୍ଧୀ ବନ୍ୟପ୍ରାଣୀ ଅଭୟାରଣ୍ୟରେ ଦେଖିବାକୁ ମିଳିଥିଲା ।

## ଡାଇବେଟିସ୍ ନିୟନ୍ତ୍ରଣ କରେ ସଜନା ଶାଗ

ସଜନା ଏଭଳି ଏକ ଗଛ ଯାହାର ପତ୍ର, ଫୁଲ ଓ ଛୁଇଁକୁ ଆମେ ତରକାରୀ ବା ଶାଗ କରି ଖାଇବାକୁ ବେଶ ପସନ୍ଦ କରିଥାଉ । କେବଳ ସେତିକି ନୁହେଁ, ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବିଶେଷ



ଲାଭଦାୟକ । ଏହାର ପତ୍ର ଓ ଛାଲ ବହୁ ରୋଗ କାରକ । ସଜନା ପତ୍ରକୁ ନିୟମିତ ଖାଇବା ଦ୍ୱାରା ମୋଟାପଣ ଦୂର କରିବା ସହିତ କୋଲେଷ୍ଟ୍ରଲ ଓ ଡାଇବେଟିସ ଭଳି ରୋଗକୁ ନିୟନ୍ତ୍ରଣରେ ରଖିଥାଏ ।

ପୋଷକ ତତ୍ତ୍ୱରେ ଭରପୂର: ସଜନା ଶାଗରେ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ଓ ଭିଟାମିନ୍ ଭରି ରହିଛି । ଏଥରେ ମଲ୍ଟିଭିଟାମିନ୍ସ, ଆଣ୍ଟିଅକ୍ସିଡାଣ୍ଟସ୍ ଓ ଆମିନୋ ଏସିଡ୍ ଭଳି ବହୁ ତତ୍ତ୍ୱ ରହିଛି, ଯାହା ସ୍ୱାସ୍ଥ୍ୟ ଲାଗି ବଡ ଉପକାରୀ । ଆୟୁର୍ବେଦ ଅନୁସାରେ ଏଥିରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ରୋଗର ଉପଚାର ରହିଛି ।

ପତ୍ରର ଉପକାର: ସଜନା ପତ୍ରରେ ପ୍ରୋଟିନ, ମ୍ୟାଗ୍ନେସିୟମ୍, ପୋଟାସିୟମ, କ୍ୟାଲସିୟମ୍ ଓ ଆଇରନ ପ୍ରଚୁର ମାତ୍ରାରେ ରହିଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଏହି ପତ୍ରର ଜୁସ୍ ପିଇବା ଦ୍ୱାରା ବ୍ଲଡ ପ୍ରେସର କମ୍ ହୋଇଥାଏ ଓ ଓଜନ କମ୍ କରିବାରେ ସହାୟତା ମିଳିଥାଏ ।

ଡାଇବେଟିସ୍ ଲାଗି ଫଳପ୍ରଦ: ଡାଇବେଟିସ୍ ରୋଗୀଙ୍କ ଲାଗି ବିଶେଷ ଫଳଦାୟୀ । ଏହା ବ୍ଲଡ ସୁଗର ଲେବଲ ନିୟନ୍ତ୍ରଣରେ ରହିଥାଏ । କିନ୍ତୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ସଜନା ପତ୍ର ପିଅନ୍ତୁ ।

ଓଜନ ହ୍ରାସ କରେ: ଏଥିରେ ପ୍ରଚୁର ମାତ୍ରାରେ ଆଣ୍ଟି ଓବେସିଟି ଗୁଣ ଭରି ରହିଛି, ଯାହା ଓଜନ ହ୍ରାସ କରିବାରେ ସହଯୋଗ କରେ । ଆପଣ ନିୟମିତ ଖାଲି ପେଟରେ ୧/୨ ଚାମଚ ସଜନା ପତ୍ର ରସ ପିଅନ୍ତୁ । ଅଧିକ ପିଇବେ ନାହିଁ ।

## କର୍କଟ ଆଶଙ୍କା ହ୍ରାସ କରେ ଆଖୁରସ

ଆଖୁରସରୁ ସୋଡିୟମ୍, କ୍ୟାଲସିୟମ୍, ଲୌହସାର ଆଦି ପୋଷକତତ୍ତ୍ୱ ମିଳିଥାଏ । ଆଖୁରସ କର୍କଟ ରୋଗ ଆଶଙ୍କାକୁ ହ୍ରାସ କରିବା ସହ ଯକୃତ୍ ସମସ୍ୟା, ପାଚନସମ୍ବନ୍ଧୀୟ ସମସ୍ୟାକୁ କମ୍ କରି ଅସ୍ଥିକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ । ତେଣୁ ପ୍ରତିଦିନ ଏକ ଗ୍ଲାସ ଆଖୁରସ ପିଇବା ଫଳପ୍ରଦ । ଆଖୁ ରସରେ କ୍ୟାଲସିୟମ୍, ପୋଟାସିୟମ୍, ଆଇରନ୍, ମ୍ୟାଗ୍ନେସିୟମ୍ ମାତ୍ରା ଅଧିକ ରହିଥାଏ । ଏଥରେ ମିଳୁଥିବା ସ୍ୱତନ୍ତ୍ର ତତ୍ତ୍ୱ କର୍କଟ ରୋଗ ଆଶଙ୍କାକୁ ହ୍ରାସ କରାଏ । ବିଭିନ୍ନ କର୍କଟ ରୋଗ ସମେତ ପ୍ରୋଷ୍ଟେଟ ଏବଂ ସ୍ତନ୍ୟ କର୍କଟ ସହ ଲଢ଼େଇ କରିବାରେ ଏହା ବେଶ୍ ସହାୟକ ହୁଏ । ଆଖୁରସରେ ପ୍ରାକୃତିକ ଶର୍କରା ମିଳୁଥିବାରୁ ଏହା ଶରୀରର ଗ୍ଲୁକୋଜ ମାତ୍ରାକୁ ବୃଦ୍ଧି କରାଏ । ଏହି ରସ ପିଇବା ଦ୍ୱାରା ଶରୀର ମଜଭୁତ ରହିବା ସହ ଖରାଦିନେ ଅଜୀର୍ଣ୍ଣ ସମସ୍ୟାରୁ ମଧ୍ୟ ରକ୍ଷା ମିଳିଥାଏ । ଆଖୁରସରୁ ମିଳୁଥିବା ପୋଟାସିୟମ୍ ପାଚନତନ୍ତ୍ର ପାଇଁ ଲାଭପ୍ରଦ । ପେଟଜନିତ ସମସ୍ୟାକୁ ଏହା ଦୂର କରେ । କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ରୁହେ ନାହିଁ । ଏଥିରେ ଥିବା ଫାଇବର ଓଜନ ନିୟନ୍ତ୍ରଣ



କରେ । ଅଲଫା ହାଇଡ୍ରୋକ୍ସି ଏସିଡ (ଏଏଚ୍ଏସ୍) ପଦାର୍ଥ ତ୍ୱଚା ସମ୍ବନ୍ଧୀୟ ସମସ୍ୟାକୁ ଦୂର କରେ । ଆଖୁରସ ଶରୀରର କୋଲେଷ୍ଟ୍ରଲ ଏବଂ ଟ୍ରାଇଗ୍ଲିସରାଇଡ ସ୍ତରକୁ ହ୍ରାସ କରେ । ପ୍ରୋଟିନଯୁକ୍ତ ଆଖୁରସ ପିଇବା ଦ୍ୱାରା ବୃକ୍କ ସଂକ୍ରମଣ, ପରିସ୍ରା ସଂକ୍ରମଣ, ଅମ୍ଳ, ପଥର ସମସ୍ୟାରୁ ମୁକ୍ତି ମିଳେ । ସେହିପରି ଆଖୁରସରେ ଆଣ୍ଟି ଅକ୍ସିଡାଣ୍ଟ ମାତ୍ରା ଅଧିକ ଥିବାରୁ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରି ରକ୍ତହୀନତା ଦୂର କରେ ।

## କହିପାରିବେ କି ?

(୧) ଗୀତା କିଏ କାହାକୁ ଶୁଣାଇଥିଲେ ?
(୨) କେଉଁ ବାର ଓ ତିଥିରେ ଗୀତା ଶୁଣାଇଥିଲେ ?
(୩) ଗୀତା କେଉଁଠି ଶୁଣାଇଥିଲେ ?
(୪) ଗୀତା କାହିଁକି ଶୁଣାଇଥିଲେ ?
(୫) ଗୀତାରେ କେତେ ଅଧ୍ୟାୟ ଅଛି ?
(୬) ଗୀତାରେ କେତୋଟି ଶ୍ଲୋକ ଅଛି ?
(୭) ଗୀତାରେ କେଉଁ ବିଷୟ ଚର୍ଚ୍ଚା ହୋଇଛି ?
(୮) ଅର୍ଜୁନଙ୍କ ଛଡ଼ା ଗୀତା କିଏ କିଏ ଶୁଣିଥିଲେ ?
(୯) ଅର୍ଜୁନଙ୍କ ଆଗରୁ ଗୀତାର ପାବନ ଜ୍ଞାନ କାହାକୁ ମିଳିଥିଲା ?
(୧୦) ଗୀତାର ଗଣନା କେଉଁ ଧର୍ମଗ୍ରନ୍ଥରେ ମିଳେ ?

### JUMBLE WORDS

| | | | |
|---|---|---|---|
| 1) GFYOG | = | 6) FROVLA | = |
| 2) MRTIPE | = | 7) HERYOT | = |
| 3) RHYITT | = | 8) HMPUT | = |
| 4) CUEND | = | 9) LDEEU | = |
| 5) SEDSR | = | 10) GIKSIN | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଚୌଧୁରୀ ରେହେମାନ ଅଲ୍ଲୀ, ୨.ଲବ ଓ କୁଶ, ୩.କରୀନା କପୁର, ୪.ମହମ୍ମଦ ଇକ୍‌ବାଲ, ୫.ଅନୀଲ ଦଲପତ୍, ୬.କେରଳ, ୭.ଗୋରିଷ୍ ପାଷ୍ଟରନକ୍, ୮.ମାଇକେଲ୍ ସୁମାକର ଓ ଜୁଆନ୍ ମାନୁଏଲ୍ ହରିଓ, ୯.ୱିନଷ୍ଟନ ଚର୍ଚ୍ଚିଲ, ୧୦. ଡକ୍ଟର କୋରିଏନ ।

***Jumble Words*** **ର ଉତ୍ତର :-**

(1) ALLEGE (2) MIDST (3) ONION (4) BRUNCH (5) IMPACT (6) BRING (7) VISOR (8) DRESSY (9) WIGGLE (10) ICING

# ନିର୍ବାଚନ ପାଇଁ ଆଚରଣ ବିଧି ୧୯୬୦ ରୁ ଆରମ୍ଭ

ନୂଆଦିଲ୍ଲୀ : ଭାରତର ନିର୍ବାଚନ ଆୟୁକ୍ତ (ଇସିଆଇ) ଲୋକସଭା ଓ ୪ ରାଜ୍ୟ ବିଧାନସଭା ନିର୍ବାଚନ ତାରିଖ ଘୋଷଣା କରିବା ପରେ ତତ୍କାଳ ସାରା ଦେଶରେ ଆଦର୍ଶ ଆଚରଣ ବିଧି (ଏମ୍‌ସିସି) ଲାଗୁ ହୋଇଛି । ଏହି ଆଚରଣ ବିଧି ପ୍ରଥମେ ୧୯୬୦ରେ କେରଳ ବିଧାନସଭା ନିର୍ବାଚନ ବେଳେ ଲାଗୁହୋଇଥିଲା । ରାଜନୈତିକ ଦଳଗୁଡ଼ିକର ଆଚରଣ କିପରି ରହିବା ଉଚିତ ସେନେଇ ପ୍ରଶାସନ ପକ୍ଷରୁ ନୀତି ନିର୍ଦ୍ଧାରଣ କରାଯାଇଥିଲା ।

ଇସିଆଇ ସୂତ୍ରରୁ ମିଳିଥିବା ସୂଚନାନୁସାରେ ୬୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ଏହି କୋଡ଼ରେ ପରିବର୍ତ୍ତନ ଅଣାଯିବା ପରେ ବର୍ତ୍ତମାନର ଆଦର୍ଶ ଆଚରଣ ବିଧି ଏକ ବିଧିବଦ୍ଧ ରୂପ ନେଇଛି । ୧୯୬୦ରେ କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଏମ୍‌ସିସି ଲାଗୁ ହୋଇଥିବା ଇସିଆଇଙ୍କ ପକ୍ଷରୁ ପ୍ରକାଶିତ 'ଲିପ୍ ଅଫ୍ ଫେଥ୍' ଶୀର୍ଷକ ଏକ ପୁସ୍ତକରେ ପ୍ରକାଶ କରାଯାଇଛି । ଭାରତୀୟ ଗଣତନ୍ତ୍ରରେ ନିର୍ବାଚନ ଆୟୁକ୍ତଙ୍କ ଯାତ୍ରା ସମ୍ପର୍କରେ ଏଥିରେ ବିଶଦ ଭାବେ ଉଲ୍ଲେଖ କରାଯାଇଛି । ୧୯୬୮-୬୯ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ସମୟରେ ୧୯୬୮ ସେପ୍ଟେମ୍ବର ୨୬ରେ ମିନିମମ୍ କୋଡ୍ ଅଫ୍ କଣ୍ଡକ୍ଟ' ବା 'ସର୍ବନିମ୍ନ ଆଚରଣ ବିଧି' ଶୀର୍ଷକରେ ଇସିଆଇ ପ୍ରଥମ ଥର ପାଇଁ ଏମ୍‌ସିସି ଜାରି କରିଥିଲେ । ପରେ ୧୯୭୯, ୧୯୮୨, ୧୯୯୧ ଏବଂ ୨୦୧୩ରେ ଆଚରଣ ବିଧିର ସଂଶୋଧନ ହୋଇଥିଲା । ସେହି ସମୟରେ ନିର୍ବାଚନ କମିଶନ 'ରୋଲ୍ ଆଣ୍ଡ୍ ରେସ୍‌ପନ୍ସିବିଲିଟିଜ୍ ଅଫ୍ ପଲିଟିକାଲ ପାର୍ଟିଜ୍ ଡ୍ୟୁରିଂ ଇଲେକ୍ସନ୍ସ : ଆନ୍ ଅପିଲ୍ ଟୁ ପଲିଟିକାଲ ପାର୍ଟିଜ୍ ଫର୍ ଦି ଅବଜର୍ଭେନ୍ସ ଅଫ୍ ମିନିମମ୍ କୋଡ୍ ଅଫ୍ କଣ୍ଡକ୍ଟ ଡ୍ୟୁରିଂ ଇଲେକ୍ସନ୍ ପ୍ରୋପାଗଣ୍ଡା ଆଣ୍ଡ କ୍ୟାମ୍ପେନ୍ ଶୀର୍ଷକ ଏକ ଦସ୍ତାବିଜ ପ୍ରସ୍ତୁତ କରିଥିଲେ । ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ଆଚରଣ ମାନ ନିର୍ଦ୍ଧାରଣ ପାଇଁ ଏହା କରାଯାଇଥିଲା । ୧୯୭୯ରେ ରାଜନୈତିକ ଦଳଗୁଡ଼ିକୁ ନେଇ ଅନୁଷ୍ଠିତ ଏକ ସମ୍ମିଳନୀରେ ଶାସକ ଦଳଗୁଡ଼ିକର ଆଚରଣ ଉପରେ ନଜର ରଖିବା ପାଇଁ ସମସ୍ତେ ରାଜି ହୋଇଥିଲେ । ଏଥିସହ କ୍ଷମତସୀନ ଦଳକୁ ନିଜ ଶକ୍ତିର ଦୁରୁପଯୋଗ ଜନିତ ସୁବିଧା ହାସଲରୁ କ୍ଷାନ୍ତ କରିବା ସକାଶେ ବ୍ୟବସ୍ଥାକୁ ବ୍ୟାପକ କରାଯାଇଥିଲା । ୨୦୧୩ରେ ଏକ ସଂସଦୀୟ କମିଟି ବୈଠକରେ ଏନ୍‌ସିସିକୁ ଆଇନଗତ ସମର୍ଥନ ଦେବା ପାଇଁ ସୁପାରିଶ କରାଯାଇଥିଲା । ଇସିଆଇଙ୍କୁ ନିଜ ସମ୍ପୂର୍ଣ୍ଣ କ୍ଷମତା ପ୍ରୟୋଗ ଲାଗି ଏଥିରେ ପ୍ରସ୍ତାବ ରହିଥିଲା । ପୂର୍ବତନ ସିଇସି ଏସ୍.ୱାଇ. କୁରେଶୀ ଏମ୍‌ସିସି ଉପରେ ଆଇନ ଆଣିବା ପ୍ରସ୍ତାବର ଜଣେ ବଡ଼ ସମର୍ଥକ । ସେ ତାଙ୍କ କାର୍ଯ୍ୟକାଳ ସମୟରେ ଉଲଂଘନକାରୀ ନେତାଙ୍କୁ ଦଣ୍ଡିତ କରିବା ସକାଶେ କଠୋର ଆଇନ ପ୍ରଣୟନ କରିବାକୁ ପ୍ରସ୍ତାବ ଦେଇଥିଲେ । ଗତ ଲୋକ ସଭା ନିର୍ବାଚନ ତାରିଖ ୨୦୧୯ ମାର୍ଚ୍ଚ ୧୦ରେ ଘୋଷଣା କରାଯାଇଥିଲା । ଏପ୍ରିଲ ୧୧ରୁ ମୋଟ ୭ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ଅନୁଷ୍ଠିତ ହୋଇଥିବା ବେଳେ ମେ' ୨୩ରେ ଭୋଟ ଗଣତି କରାଯାଇଥିଲା ।

ଏମସିସି ହେଉଛି ନିର୍ବାଚନ ସମୟରେ ସବୁ ପକ୍ଷଙ୍କ ସହମତିରେ କରାଯାଉଥିବା ଏକ ରାଜିନାମା । ପ୍ରଚାର, ମତଦାନ ଓ ଭୋଟ ଗଣତିକୁ ବ୍ୟବସ୍ଥିତ ଢଙ୍ଗରେ, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବରେ କରାଯିବା ଏହାର ଲକ୍ଷ୍ୟ । ଏଥିଲାଗି କ୍ଷମତାରେ ଥିବା ଦଳ ପକ୍ଷରୁ ନିର୍ବାଚନ ସମୟରେ ସରକାରୀ କଳ ଓ ଅର୍ଥର ଦୁରୁପଯୋଗକୁ ରୋକାଯାଇଥାଏ । କିନ୍ତୁ ଏହା ପ୍ରତି କୌଣସି ସାମ୍ବିଧାନିକ ସମର୍ଥନ ନାହିଁ । ଏହା ସତ୍ତ୍ୱେ ସୁପ୍ରିମକୋର୍ଟ ଅନେକ ଥର ଏମସିସିର ପବିତ୍ରତା ରକ୍ଷା କରିଆସିଛନ୍ତି । ଆଚରଣ ବିଧିର କୌଣସି ପ୍ରକାର ଉଲଂଘନ ହେଲେ ତାହା ଉପରେ ତରନ୍ତ କରାଯାଇ ଦଣ୍ଡିତ କରିବା ପାଇଁ ନିର୍ବାଚନ କମିଶନ ସମ୍ପୂର୍ଣ୍ଣ ରୂପେ ଅଧିକୃତ । ଏମ୍‌ସିସି ଲାଗୁହେବା ପରେ ମନ୍ତ୍ରୀ ବା ସରକାରୀ କର୍ତ୍ତୃପକ୍ଷ କୌଣସି ପ୍ରକାର ଆର୍ଥିକ ଅନୁଦାନ ଘୋଷଣା କରିପାରିବେ ନାହିଁ । ଭୋଟରଙ୍କୁ ପ୍ରଭାବିତ କରିବା ଭଳି କୌଣସି ପ୍ରକଳ୍ପ ବା ଯୋଜନା ଘୋଷଣା କରାଯାଇପାରିବ ନାହିଁ । ପ୍ରଚାର ଉଦ୍ଦେଶ୍ୟରେ ସରକାରୀ କଳର ବ୍ୟବହାର ଉପରେ ରୋକ ଲାଗିଥାଏ ।

## ବନ ଦିବସ ଅବସରରେ ସଚେତନତା ଶିବିର

ସମ୍ବଲପୁର : ଶାସନ ନିକଟସ୍ଥ ଭାଲୁବାହାଲ ଏକାମ୍ର ବିହାର ଠାରେ ଆନ୍ତର୍ଜାତୀୟ ବନ ଦିବସ ଅବସରରେ ପ୍ରକୃତି ପ୍ରେମୀ କଳାରତ୍ନ ବଂଶୀଧର କରଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା, ଶପଥ ପାଠ ଉତ୍ସବ, ଚାରା ବଣ୍ଟନ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଝାରସୁଗୁଡ଼ା ବନଖଣ୍ଡର ସହକାରୀ ବନ ସଂରକ୍ଷକ ତେଜରାଜ ନାଏକ ମୁଖ୍ୟ ଅତିଥି, ଡାକ୍ତର ବିନୋଦ ବିହାରୀ ନାୟକ ସମ୍ମାନିତ ଅତିଥି ଓ ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଭକ୍ତପ୍ରସାଦ ପଣ୍ଡା ଓ ସଚ୍ଚିଦାନନ୍ଦ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରକୃତି ବନ୍ଧୁ ଦେବାଶିଷ ସାହୁ, ସରୋଜ କୁମାର ସାମନ୍ତରାୟ, ସୁରେନ୍ଦ୍ର କୁମାର ସାହୁ, ଘନଶ୍ୟାମ ସାହୁ, ସୁଶୀଲ କୁମାର ବେହେରା, ସନ୍ତୋଷ କୁମାର ପ୍ରଧାନ, ଜୟରାମ ପ୍ରଧାନ, ସୁବାଷ ଚନ୍ଦ୍ର ପଟ୍ଟନାୟକ ଓ ସୁବାଷ ଶର୍ମା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ହିଣ୍ଡାଲକୋ ସ୍ମେଲଟର କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିଅନର ପୁନର୍ବାର ସଭାପତି ହେଲେ ଜୟ ନାରାୟଣ

ସମ୍ବଲପୁର : ହୀରାକୁଦ ସ୍ଥିତ ହିଣ୍ଡାଲକୋ କମ୍ପାନୀ ରେ ଠିକା ଶ୍ରମିକ ମାନଙ୍କ ଅନ୍ୟତମ ସଂଘ ହିଣ୍ଡାଲକୋ ସ୍ମେଲଟର କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିଅନର ନୂତନ ପଦାଧିକାରୀ ଚୟନ ପ୍ରକ୍ରିୟା ସମ୍ପନ୍ନ ହୋଇଯାଇଛି । ହିଣ୍ଡାଲକୋ ସ୍ମେଲଟର କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିଅନ ର ସାଧାରଣ ସମ୍ପାଦକ ରୂପଧର ଛତ୍ରିଆ ନିକଟ ଭବିଷ୍ୟତରେ ଅବସର ଗ୍ରହଣ କରିବା ଅବ୍ୟାବହିତ ପୂର୍ବରୁ ନିର୍ବାଚନ ପ୍ରକ୍ରିୟା ସମ୍ପନ୍ନ କରାଯାଇଛି । ଗତ ୯ ତାରିଖ ରେ ହିଣ୍ଡାଲକୋ ସ୍ମେଲଟର କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିଅନର ଏକ ଜରୁରୀ ବୈଠକ ହୋଇଥିଲା । ବୈଠକ ରେ ବିଧାୟକଙ୍କ ଝିଅ ସୁଶ୍ରୀ ଶୁଭଶ୍ରୀ ମିଶ୍ର ଉପସ୍ଥିତ ଥିଲେ । ବିଧାୟକ ଜୟ ନାରାୟଣ ମିଶ୍ର ଭୁବନେଶ୍ୱର ରେ ଥାଇ ଭିଡିଓ କନ୍‌ଫରେନସି ଜରିଆରେ ବୈଠକ ରେ ଯୋଗ ଦେଇଥିଲେ । ଚଳିତ ଥର ସର୍ବସମ୍ମତି କ୍ରମେ ପୁଣି ଥରେ ହିଣ୍ଡାଲକୋ ସ୍ମେଲଟର କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିଅନ ର ସଭାପତି ଭାବେ ସମ୍ବଲପୁର ବିଧାୟକ ତଥା ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ରଙ୍କୁ ଚୟନ କରାଯାଇଛି । ଏହାଛଡ଼ା ୟୁନିଅନର ରାଜ କୁମାର ସିଂ ସାଧାରଣ ସଂପାଦକ, ଫଣୀ ଭୂଷଣ ମିଶ୍ର ଓ ବିଭୂତି ଭୂଷଣ ପଢିଆରି ଉପସଭାପତି ଓ ଶ୍ରୀ ଶୁଭଶ୍ରୀ ମିଶ୍ରଙ୍କୁ ଉପଦେଷ୍ଟା ଭାବେ ଦାୟିତ୍ୱ ଦିଆ ଯାଇଛି ।

## ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘର ବାର୍ଷିକ ସଭା

ଝାରସୁଗୁଡ଼ା : ଝାରସୁଗୁଡା ରେଳବାଇ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା ଏସ୍.କେ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅଲ୍ ଓଡ଼ିଶା ପେନସନର୍ସ ଏସୋସିଏସନ୍ ଯୁଗ୍ମ ସମ୍ପାଦକ ରତ୍ନାକର ପ୍ରଧାନ ମୁଖ୍ୟଅତିଥି ଓ ଦେବୀପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କେ.କେ ତନ୍ତୀ ଓ ଆଇଏନ୍ ଦେଶାଇ ମଞ୍ଚାସୀନ ଥିଲେ । ବିଗତ ଦିନରେ ରେଳୱେ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ସଭାରେ ସର୍ବସମ୍ମତିକ୍ରମେ ପୁଣିଥରେ ଏସ୍.କେ ଚକ୍ରବର୍ତ୍ତୀ ସଭାପତି, ଦେବୀ ପ୍ରସାଦ ମିଶ୍ର ସମ୍ପାଦକ, ଜି.ପି ବେହେରା ସାଙ୍ଗଠନିକ ସମ୍ପାଦକ ଓ ଏସ୍ ପଟ୍ଟନାୟକ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ଏହି ଅବସରରେ ଛଅ ଜଣ ୮୦ ବର୍ଷର ବୟସ୍କ ପେନସନ ଭୋଗୀଙ୍କୁ ଉପଢୌକନ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ବାଲାଜୀ ସକସେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ବଲାଙ୍ଗୀରରେ ହେବ ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ବାର୍ଷିକ ଉତ୍ସବ

ସମ୍ବଲପୁର : ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ତ୍ରୟୋଦଶ ବାର୍ଷିକ ଉତ୍ସବ ଚଳିତ ମାସ ୩୧ ତାରିଖ ଦିନ ବଲାଙ୍ଗୀରରେ ଅନୁଷ୍ଠିତ ହେବ । ପରିଷଦର ସଭାପତି ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଷଦର କାର୍ଯ୍ୟକାରୀ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂଦେଓ ମୁଖ୍ୟ ଅତିଥି, ବିଶ୍ୱାତ୍ମ ଚେତନା ପରିଷଦର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ମୁଖ୍ୟବକ୍ତା, ବଲାଙ୍ଗୀର ପୌର ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ଲିକା ସାହୁ, ବଲାଙ୍ଗୀର ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସରିତା ବାଗ ଓ ଭୁବନେଶ୍ୱରର ବାବା ପଞ୍ଚଦେବ ସମ୍ମାନିତ ଅତିଥି ରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥିରେ କନ୍ଧମାଳ ସମେତ ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାର ସଂକୀର୍ତ୍ତନ କଳାକାର ଯୋଗ ଦେବେ । ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ କରିବା ସହ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ସଂକୀର୍ତ୍ତନ କଳାକାରମାନଙ୍କୁ ସମ୍ମାନିତ କରାଯିବାକୁ ସ୍ଥିର କରାଯାଇଛି । କାର୍ଯ୍ୟକ୍ରମରେ କୀର୍ତ୍ତନ କଳାକାର ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବ । ବଲାଙ୍ଗୀରର ବିଶିଷ୍ଟ ସମାଜସେବୀ ଶ୍ରୀକର ମିଶ୍ର ଏହି କାର୍ଯ୍ୟକ୍ରମର ପୃଷ୍ଠପୋଷକ ରହିଛନ୍ତି । କାର୍ଯ୍ୟକାରୀ କମିଟି ବୈଠକରେ ସମ୍ପାଦକ ଲୋକନାଥ ମିଶ୍ର, ପୂର୍ବତନ ସଭାପତି ରାଜେନ୍ଦ୍ର ଅଗ୍ରୱାଲ, ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, ଉପଦେଷ୍ଟା ରାଜେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଧନୀ- ଦରିଦ୍ର ପାର୍ଥକ୍ୟ ୧୦୦ ବର୍ଷରେ ସର୍ବାଧିକ

ନୂଆଦିଲ୍ଲୀ : ଭାରତରେ ଧନୀ ଓ ଦରିଦ୍ରଙ୍କ ଆୟରେ ପାର୍ଥକ୍ୟ ବିଗତ ୧୦୦ ବର୍ଷରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଏପରିକି ଏହା ବ୍ରିଟିଶ ଶାସନ କାଳକୁ ମଧ ଟପିଯାଇଛି । ଦେଶର ୧% ଧନୀଙ୍କ ପାଖରେ ଠୁଳ ହୋଇଥିବା ସମ୍ପତ୍ତିର ଅନୁପାତ ବିଗତ ୬୦ ବର୍ଷ ଭିତରେ ସବୁଠାରୁ ଅଧିକ ବୋଲି ୱାର୍ଲଡ ଇନଇକ୍ୱାଲିଟି ଲ୍ୟାବ ପକ୍ଷରୁ କରାଯାଇଥିବା ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି । ୧୯୪୭ରେ ଭାରତ ବ୍ରିଟିଶ ଉପନିବେଶବାଦରୁ ମୁକ୍ତ ହୋଇ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହୋଇଥିଲା । ସ୍ୱାଧୀନତା ପରେ ଭାରତର ଆର୍ଥିକ ନୀତି ସମାଜବାଦ ଉପରେ ପ୍ରତିଷ୍ଠିତ ଥିଲା ଏବଂ ବହୁ ସଂଖ୍ୟାରେ ରାଷ୍ଟ୍ରାୟତ୍ତ ସଂସ୍ଥା ପ୍ରତିଷ୍ଠା ହୋଇଥିଲା । ୧୯୯୨ରେ ଭାରତରେ ଉଦାର ଅର୍ଥନୀତି ପ୍ରଣୀତ ହୋଇଥିଲା । ଏହା ଫଳରେ ଭାରତକୁ ବିଦେଶୀ ପୁଞ୍ଜିର ସୁଅ ଛୁଟିଥିଲା । ଏହା ପରବର୍ତ୍ତୀ ସମୟରେ ଭାରତରେ ବିଲିୟନାରୀଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ଭାରତରେ 'ବିଲିୟନାୟର ରାଜ' ବ୍ରିଟିଶ ଅମଳକୁ ମଧ ଟପି ଯାଇଛି ବୋଲି ଏହି ସର୍ଭେ ରିପୋର୍ଟରେ କୁହାଯାଇଛି । ରିପୋର୍ଟ ଅନୁଯାୟୀ ୨୦୨୩ ଶେଷ ସୁଦ୍ଧା ଭାରତର ମୋଟ ସମ୍ପତ୍ତିର ୪୦.୧ ପ୍ରତିଶତ ଅତି ଧନୀ ଶ୍ରେଣୀର ଲୋକଙ୍କ ଭାରତର ମୋଟ ଜନସଂଖ୍ୟାର ଆୟର ହାରାହାରି ୨୨.୬% ଯାହା ୧୯୨୨ ପରଠାରୁ ସର୍ବାଧିକ । ଯଦିଓ ଭାରତର ଜିଡିପି ୮% ଟପିଛି, କିନ୍ତୁ ଗରିବ ଲୋକଙ୍କ ଅଭିବୃଦ୍ଧି ହାର କମ୍ ରହିଛି । ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ଗଠିତ ହୋଇଥିଲା ଏବଂ ମୋଦି ଗରିବ ଲୋକଙ୍କ କଲ୍ୟାଣ ଲାଗି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଗତ ୧୦ ବର୍ଷ ଭିତରେ ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ପାର୍ଥକ୍ୟ ବଢ଼ିଛି ଏବଂ ଏହା ବିଗତ ୧୦୦ ବର୍ଷ ଭିତରେ ସର୍ବାଧିକ ସ୍ତରରେ ପହଞ୍ଚିଛି । ୱାର୍ଲଡ ଇନିକ୍ୱାଲିଟି ଲ୍ୟାବ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ଦେଶର ମୋଟ ଜନସଂଖ୍ୟାର ୫୦% ହେଉଛନ୍ତି ନିମ୍ନ ବା ଅତି ନିମ୍ନ ଆୟକାରୀ ବର୍ଗର । ୪୦% ହେଉଛନ୍ତି ମଧ ଆୟକାରୀ ବର୍ଗର । ରିପୋର୍ଟ ଅନୁଯାୟୀ ୧୯୯୨ରେ ଭାରତରେ ମାତ୍ର ଜଣେ ବିଲିୟନାରୀ ଥିଲେ । ଅର୍ଥାତ ଜଣେ ବ୍ୟକ୍ତିଙ୍କ ସମ୍ପତ୍ତି ୧ ବିଲିୟନ ଡଲାରରୁ ଅଧିକ ଥିଲା । ୨୦୨୨ରେ ଏହି ସଂଖ୍ୟା ୧୬୨କୁ ବୃଦ୍ଧି ପାଇଛି । ଏସିଆର ଦୁଇଜଣ ସବୁଠାରୁ ଧନୀ ରିଲାଏନ୍ସ ଇଣ୍ଡଷ୍ଟ୍ରୀଜର ମାଲିକ ମୁକେଶ ଅମ୍ବାନୀ ଏବଂ ଅଡାନୀ ଗ୍ରୁପର ମାଲିକ ଗୌତମ ଅଡାନୀ ହେଉଛନ୍ତି ଭାରତୀୟ । ଭାରତର ମୋଟ ୯୨ ନିୟୁତ ସାବାଳକଙ୍କ ମଧ୍ୟରୁ ସବୁଠାରୁ ଧନୀ ୧୦ହଜାର ବ୍ୟକ୍ତିଙ୍କ ସମ୍ପତ୍ତିର ପରିମାଣ ହେଲା ୨ଲକ୍ଷ ୨୬ ହଜାର କୋଟି ଟଙ୍କା । ଏହା ଜାତୀୟ ଆଭରେଜର ୧୬,୭୬୩ଗୁଣ । ସର୍ବାଧିକ ଧନୀ ୧% ଲୋକଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ହେଲା ୫୪ ନିୟୁତ ଟଙ୍କା । ଭାରତରେ ଧନୀ ସଂଖ୍ୟା ବୃଦ୍ଧିର ହାର ଆମେରିକା ଓ ୟୁରୋପ ଠାରୁ ମଧ ଅଧିକ ବୋଲି ରିପୋର୍ଟରେ କୁହାଯାଇଛି ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

## ଏମ୍‌ସିଏଲ୍‌ରେ ରାଜଭାଷା କାର୍ଯ୍ୟକାରୀ କମିଟି ବୈଠକ



ବୁର୍ଲା: ରାଜଭାଷା କାର୍ଯ୍ୟକାରୀ କମିଟିର ୭୯ତମ ବୈଠକ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏମସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଏ କାଓ୍ୱାଲେ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଯୋଗ ଦେଇଥିଲେ । ବୈଠକର ପ୍ରାରମ୍ଭରେ ରାଜଭାଷା ବିଭାଗ (ପୂର୍ବାଞ୍ଚଳ) ଗୃହ ମନ୍ତ୍ରଣାଳୟ, ଭାରତ ସରକାର ୨୦୨୨-୨୩ ମସିହାରେ ଉତ୍କୃଷ୍ଟ କାର୍ଯ୍ୟକାରିତା ପାଇଁ ନଗର ସରକାରୀ ଭାଷା କାର୍ଯ୍ୟକାରୀ କମିଟିକୁ ଦେଇଥିବା ପ୍ରଥମ ପୁରସ୍କାରକୁ ଏମ୍‌ସିଏଲ୍ ଅଧକ୍ଷ ଉଦୟଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହି ଅବସରରେ ଅଧକ୍ଷ ରାଜଭାଷା ସହିତ ଜଡିତ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ ।

## ବିରଞ୍ଚି ଦାସ ଏସ୍‌ଇସିଏଲ୍‌ର କାର୍ମିକ ନିର୍ଦ୍ଦେଶକ



ବିଲାସପୁର : ଏସ୍‌ଇସିଏଲ୍‌ର କାର୍ମିକ ନିର୍ଦ୍ଦେଶକ ରୂପେ ଶ୍ରୀ ବିରଞ୍ଚି ଦାସ ଯୋଗ ଦେଇଛନ୍ତି । ସେ ପୂର୍ବରୁ ଏମ୍.ସି.ଏଲ୍‌ରେ କାର୍ଯ୍ୟରତ ଥିଲେ । ଦୀର୍ଘ ୨୯ ବର୍ଷ ଧରି ତାଙ୍କର ମାନବ ସମ୍ବଳ ପରିଚାଳନାରେ ଅଭିଜ୍ଞତା ରହିଛି । ଉତ୍କଳ ବିଶ୍ୱ-ବିଦ୍ୟାଳୟର ପର୍ସନାଲ ମ୍ୟାନେଜମେଣ୍ଟ ଏବଂ ଇଣ୍ଡଷ୍ଟ୍ରିଏଲ୍ ରିଲେସନ୍ ବିଭାଗର ସେ ପୂର୍ବତନ ଛାତ୍ର ଅଟନ୍ତି ।

## ବାମରାରେ ବନଖଣ୍ଡ ସ୍ତରୀୟ ବନ ଦିବସ ଉତ୍ସବ ପାଳିତ



ସମ୍ବଲପୁର: ବାମରାରେ ଡ଼ି.ଏଫ. ଓ ସମୀର ସାହୁଙ୍କ ସଭାପତିତ୍ୱରେ ବିଶ୍ୱ ବନ ଦିବସ ଉତ୍ସବ ପାଳିତ ହୋଇ ଯାଇଛି । ଏଥିରେ ସମ୍ବଲପୁର ସର୍କଲ ଆର.ସି.ସି.ଏଫ.ଟି ଆସିକିସିଆଲ ମୁଖ୍ୟ ଅତିଥି, ବିଶିଷ୍ଟ ସମାଜସେବୀ ପ୍ରକୃତିବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ସମ୍ବଲପୁର ଓ୍ୱାର୍କିଙ୍ଗ ପ୍ଲାନ ଅଫିସର ଜିତେନ୍ଦ୍ର ବେହେରା, କୁଚିଣ୍ଡା କେନ୍ଦୁପତ୍ର ଡ଼ିଏଫଓ ଦେବାର୍ଚ୍ଚନ ବେହେରା ଓ ଟିଏଫ କଲେଜ ଅଧକ୍ଷ ଅଶୋକ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ଓ ଜନତାଙ୍କ କର୍ତ୍ତବ୍ୟ ସମ୍ପର୍କ ଭାଷଣ ଦେଇଥିଲେ । ସମଗ୍ର କାର୍ଯ୍ୟକ୍ରମ କୁ ଏ ସି ଏଫ ଆଲୋକ ଷଡ଼ଙ୍ଗୀ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତ ଅତିଥି ଛାତ୍ର ଛାତ୍ରୀଙ୍କ ସହ ମିଶି କୋଡିଏ ଟି ଚାରା ରୋପଣ କରିଥିଲେ । କାର୍ଯ୍ୟକ୍ରମର ଶେଷ ଭାଗରେ ଛାତ୍ର, ଛାତ୍ରୁଙ୍କ ମଧରେ କୁଇଜ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏତତ୍ ବ୍ୟତୀତ ବାମରା, କୁଚିଣ୍ଡା, ଜମନକିରା ଓ ଖଳାଶୁଣୀ ରେଞ୍ଜରା କୃତୀ ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାଡି ଓ ଜଗୁଆଳି ମାନଙ୍କୁ ଅତିଥିଗଣ ମାନ ପତ୍ର, ଉପ ଢୌକନ ଓ ଫୁଲ ତୋଡ଼ା ଦେଇ ସମ୍ମାନିତ କରିଥିଲେ ।

## ସପରିବାର ପଖାଳ ଖାଇଲେ ଜୟନାରାୟଣ



ସମ୍ବଲପୁର: ଧନକଉଡ଼ା ବ୍ଲକ ତାଲବ ଗ୍ରାମ ଫୁଟବଲ ପଡ଼ିଆରେ ଅରୁଣ ମଲ୍ଲିକଙ୍କ ନେତୃତ୍ୱରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଥିଲା । ଗାଁ'ର ଯୁବକମାନେ ଏହାକୁ ଆୟୋଜନ କରିଥିଲେ । ଏଥିରେ ସମ୍ବଲପୁର ବିଧାୟକ ତଥା ବିଧାନସଭା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ସହିତ ତାଙ୍କ ପତ୍ନୀ ଜ୍ୟୋତ୍ସ୍ନା ମିଶ୍ର, ଝିଅ ଶୁଭଶ୍ରୀ ମିଶ୍ର ଏବଂ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ସମୀର ବାବୁ ଯୋଗଦେଇ ପାରମ୍ପରିକ ବ୍ୟଞ୍ଜନ ସହ ପଖାଳ ଖାଇଥିଲେ । ମଣ୍ଟୁ ଭୋଇ, ସୁବାସ ପଟେଲ, ଆକାଶ ପଟେଲ, ଶ୍ରୀନାଥ ସାହୁଙ୍କ ସହ ଯୁବକମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ବିଶ୍ୱ କବିତା ଦିବସ




ସମ୍ବଲପୁର: ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟରେ ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ଡକ୍ଟର ପ୍ରଦୀପ-ହରପାଲ ସଭାପତିତ୍ୱ କରିଥିଲେ । ପ୍ରତିଷ୍ଠିତ ଇଂରାଜୀ କବି ପ୍ରଫେସର ରାଜେନ୍ଦ୍ର ପାଢୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଏହି ଦିବସର ପ୍ରାସଙ୍ଗିକତା ତଥା କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ଅଧାପକ ଡକ୍ଟର ଗୋପୀନାଥ ବାଗ ମୁଖ୍ୟବକ୍ତା ଓ କବି ଦୁର୍ଗାପ୍ରସାଦ ପଣ୍ଡା ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥି କବିମାନେ ସେମାନଙ୍କ ଲିଖିତ କବିତା ଆବୃତ୍ତି କରିବା ସହ କବିତା ଲିଖନ ଓ ପାଠ କରିବାର ଶୈଳୀ ବିଷୟରେ ସୂଚନା ଦେଇଥିଲେ । ଏହାପରେ ସାହିତ୍ୟ ସଂସଦର ସଂଯୋଜକ ବୀରସେନ ଦଳାଇଙ୍କ ସଂଯୋଜନାରେ ମହାବିଦ୍ୟାଳୟର ଅଧାପିକା ମେଞ୍ଜା ପୂର୍ତ୍ତି, ଅଲକା ଲୁଗୁନ, ମିନତୀ ଛତ୍ରୀଆ, ଅଧାପକ ସତ୍ୟରଞ୍ଜନ ଭୋଇ, ନିରଞ୍ଜନ ରାଉତ, ସୁରଥ ନାଗ ଏବଂ ଛାତ୍ରୀ ଯମୁନା ବାଗ, ସତ୍ୟବତୀ ବଗାର, ମିତାଲି ମହାନ୍ତି, ଛାତ୍ର ଅନୁରାଗ ନାଥ, ଜାଗରଣ ପୂଜାରୀ, ପ୍ରଦୀପ ରୋହିଦାସ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ।

## ଚନ୍ଦ୍ରକାନ୍ତା ମୋରଙ୍କ ପରଲୋକ



ଝାରସୁଗୁଡ଼ା : ବିଶିଷ୍ଟ ସମାଜସେବୀ ଅର୍ଜୁନ ଲାଲ ମୋରଙ୍କ ଧର୍ମପତ୍ନୀ ଚନ୍ଦ୍ରକାନ୍ତା ମୋରଙ୍କ ପରଲୋକ ହୋଇଯାଇଛି । ସେ ତାଙ୍କ ତିନିପୁଅ ରମେଶ, ମନୋଜ ଓ ସଞ୍ଜୟଙ୍କୁ ଛାଡି ଯାଇଛନ୍ତି । ସେ ଜଣେ ଧର୍ମ ପରାୟଣା ତଥା ପରୋପକାରୀ ମହିଳା ଥିଲେ । ସରବାହାଲ ସ୍ଥିତ ମୁକ୍ତିଧାମ ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra